## ଦୁଷ୍କର୍ମ ଅଭିଯୁକ୍ତଙ୍କ ହାଜତ ମୃତ୍ୟୁ ଘଟଣା

# ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ଦୁଇ ବିରୋଧୀ ଦଳ



ନବରଙ୍ଗପୁର,୨୯।୪(ସମିସ): ନବରଙ୍ଗପୁର ଜିଲ୍ଲା ଡାବୁଗାଁ ଥାନା ପରିସରରେ ଜଣେ ଦୁଷ୍କର୍ମ ଅଭିଯୁକ୍ତଙ୍କ ସନ୍ଦେହଜନକ ମୃତ୍ୟୁକୁ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ମୃତ ଯୁବକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା କ୍ଷତିପୂରଣ ସହ ଗୃହ ମନ୍ତ୍ରୀ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲେ ବିଜେଡି ଓ କଂଗ୍ରେସ । ଏଥିସହ ପରିବାରର ଜଣେ ବ୍ୟକ୍ତିଙ୍କୁ ସରକାରୀ ଚାକିରୀ ଦେବା ପାଇଁ ଦାବି କରିଛନ୍ତି ଦୁଇ ବିରୋଧୀ ଦଳ। ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଥିବା ଶବ ଗୃହରେ ଥିବା ମୃତ ଯୁବକର ଶବ ନିକଟରେ ପହଞ୍ଚିଲେ କଂଗ୍ରେସ ଓ ବିଜେଡି ନେତାମାନେ। ଥାନାରେ ଥାର୍ଡ ଡିଗ୍ରୀ ଦିଆଯିବା ନେଇ ଶବ ଗୃହରେ ପହଞ୍ଚି ଯାଞ୍ଚ କରୁଛନ୍ତି ଦୁଇ ବିରୋଧୀ ଦଳ ନେତା। ପୂର୍ବତନ ସାଂସଦ ତଥା ବିଜେଡି ରାଜ୍ୟ ବରିଷ୍ଠ ସାଧାରଣ ସମ୍ପାଦକ ପ୍ରଦୀପ ମାଝୀ ଓ ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀଙ୍କ ବିଜେଡି ଦଳର ନେତୃତ୍ୱ ନେଉଥିବା ବେଳେ କଂଗ୍ରେସ ଦଳର ନେତୃତ୍ୱ ନେଇଥିଲେ ଡକ୍ଟର ଲିପିକା ମାଝୀ , ପୂର୍ବତନ ଡାବୁଗାଁ ବିଧାୟକ ଭୁଜବଳ ମାଝୀ ଓ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନ୍ନା ତ୍ରିପାଠୀ । ଶରୀରକୁ ଯାଞ୍ଚ କରିବା ପରେ ହିଁ ମୃତ ଶରୀରକୁ ଶବ ବ୍ୟବଚ୍ଛେଦ କରିବାକୁ ଦିଆଯିବ ବୋଲି କହିଛନ୍ତି ପୂର୍ବତନ ସାଂସଦ ପ୍ରଦୀପ ମାଝୀ। ଏଥିସହ ଯେଉଁ ପୋଲିସ କର୍ମଚାରୀ ମାନେ ରାତ୍ର ସମୟରେ କାର୍ଯ୍ୟରତ ଥିଲେ ସେମାନଙ୍କୁ ଚାକିରିରୁ ବହିଷ୍କାର , ଝିଂସାରୀ ଥାନାର ଏଏସଆଇ ଶ୍ରୀ ବ୍ରହ୍ମାଙ୍କୁ ନିଲମ୍ବନ, କନଷ୍ଟେବଳ ଶ୍ରୀ ପୂଜାରୀଙ୍କୁ ଚାକିରିରୁ ବହିଷ୍କାର ଏବଂ ହରିଶ୍ଚନ୍ଦ୍ର ଯୋଜନା ଟଙ୍କା ସହିତ ସୁଧକର୍ମ ପାଇଁ ଦୁଇ ଲକ୍ଷ ଟଙ୍କା ପ୍ରଦାନ ଏବଂ ୨୦ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ, ସିସି ଟିଭି ଫୁଟେଜକୁ ସାର୍ବଜନୀନ କରିବା ନେଇ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ବିରୋଧୀ ବିଜେଡି ଏବଂ କଂଗ୍ରେସ । ପୋଲିସର ଅବହେଳାରୁ ହିଁ ଏଭଳି ମୃତ୍ୟୁ ଘଟିଲା ବୋଲି ଅଭିଯୋଗ କରିଛନ୍ତି ଜିଲ୍ଲା ବିଜେଡି ସଭାପତି ତଥା ଡାବୁଗାଁ ବିଧାୟକ ମନୋହର ରନ୍ଧାରୀ, ପୂର୍ବତନ ସାଂସଦ ପ୍ରଦୀପ ମାଝୀ , ଜିଲ୍ଲା କଂଗ୍ରେସ ସଭାପତି ସୁଶ୍ରୀ ଲିପିକା ମାଝୀ ଏବଂ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ ।

# କୁଲାବେଡ଼ାରେ ପହଞ୍ଚିଲେ ଦୁଇ ଜିଲ୍ଲାର ଉପଜିଲ୍ଲାପାଳ



'ସକାଳ' ପ୍ରଭାବ

ବୈପାରୀଗୁଡା, ୨୯।୪(ସମିସ): କୁଲାବେଡାରେ ପହଞ୍ଚିଲେ ଦୁଇ ଜିଲ୍ଲାର ଉପଜିଲ୍ଲାପାଳ। ଜନ ଗଣନାରେ ସାମିଲ ପାଇଁ ଗାଁ ଲୋକଙ୍କୁ ବୁଝେଇଲେ। ଜନ ଗଣନାରେ ସାମିଲ ହେଉ ନାହାନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗ୍ରାମବାସୀ । ସେମାନେ ମାଲକାନଗିରି ଜିଲ୍ଲାରେ ମିଶିବା ପାଇଁ ଦାବି କରୁଛନ୍ତି । ଏହି ଘଟଣାକୁ ନେଇ ଆମ ପ୍ରତିନିଧି କୁଲାବେଡାରେ ପହଞ୍ଚି ଖବର ସଂଗ୍ରହ କରିଥିଲେ ଏବଂ ଏନେଇ 'ସକାଳ'ରେ "ଜନ ଗଣନାକୁ କୁଲାବେଡା ଗ୍ରାମବାସୀଙ୍କ ବିରୋଧ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଏହାପରେ ଆଜି ଦୁଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ କୁଲାବେଡାରେ ଉଭୟ କୋରାପୁଟ ଜିଲ୍ଲା ତରଫରୁ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ ଏବଂ ମାଲକାନଗିରି ଜିଲ୍ଲା ତରଫରୁ ଉପଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ କୁଲାବେଡା ଗାଁରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ଫେରିଛନ୍ତି । ଗାଁ ଲୋକଙ୍କ ସୂଚନା ଅନୁଯାଇ, ଏହି ଗାଁରେ ୧୧୪ ଟି ଘର ରହିଥିବା ବେଳେ ୧୧୦ଟି ଘର କୋରାପୁଟ ଜିଲ୍ଲା ଅଧିନରେ ଆସୁଛି ଏବଂ ବଳକା ୪ଟି ଘର ମାଲକାନଗିରି ଜିଲ୍ଲା ଅଧିନରେ ରହିଛି । କିନ୍ତୁ ଅଳ୍ପ କିଛି ପରିବାର ଲୋକେ କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ସୁବିଧା ପାଉଛନ୍ତି । ଆଉ ଅଧିକାଂଶ ପରିବାର ଲୋକେ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ସମସ୍ତ ପ୍ରକାର ସୁବିଧା ପାଉଛନ୍ତି । ଏଣୁ କୋରାପୁଟ ଜିଲ୍ଲାର ସରକାରୀ ସୁବିଧା ପାଉଥିବା ଲୋକେ କୋରାପୁଟ ଜିଲ୍ଲା ପ୍ରଶାସନ ତରଫରୁ ଚାଲୁଥିବା ଜନଗଣନନାରେ ସାମିଲ ହେବେ ବୋଲି ନିଷ୍ପତି ନେଇଥିବା ବେଳେ ମାଲକାନଗିରି ଜିଲ୍ଲା ପ୍ରଶାସନର ସୁବିଧା ପାଉଥିବା ଲୋକେ ରାଜି ହେଉନାହାନ୍ତି । ସେମାନେ ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଜନଗଣନା କରାଯାଉ ବୋଲି ଦାବି କରିଛନ୍ତି । ସୂଚନା ଥାଉକି, କୋରାପୁଟ ଓ ମାଲକାନଗିରି ଜିଲ୍ଲାର ସୀମାନ୍ତ ଅଞ୍ଚଳ କୁଲାବେଡା ଗାଁଟି ବୈପାରୀଗୁଡା ବ୍ଲକ ଅନ୍ତର୍ଗତ ଦଣ୍ଡାବାଡ଼ି ପଞ୍ଚାୟତ ଅଧିନରେ ଅବସ୍ଥିତ । ଏଠାରେ କୋରାପୁଟ ଜିଲ୍ଲା ପ୍ରଶାସନର ଜନ ଗଣନାକୁ ବିରୋଧ କୋରାଯଉଛି । କିଛି ଦିନ ପୂର୍ବେ ସର୍ଭେ ପାଇଁ ଗାଁ

### ● ଜନଗଣନାରେ ସାମିଲ ପାଇଁ ବୁଝାଇଲେ

କୁ ଆସିଥିବା ଶିକ୍ଷକଙ୍କୁ ସର୍ଭେ କରିବାକୁ ଦିଆଯାଉ ନାହିଁ । କାରଣ କୁଲାବେଡା ଗାଁଟି କୋରାପୁଟ ରାଜସ୍ୱ ଅଧିନରେ ଥିବା ବେଳେ ସେଠାରେ ଅଳ୍ପ କିଛି ପରିବାର ଛାଡିଦେଲେ ବଳକା ସମସ୍ତ ସରକାରୀ ସୁବିଧା ମାଲକାନଗିରି ଜିଲ୍ଲା ପ୍ରଶାସନ ତରଫରୁ ଦିଆଯାଉଛି । ଏଣୁ ଗାଁ ଲୋକେ ମାଲକାନଗିରିରେ ମିଶିବାକୁ ଚାହୁଁଛନ୍ତି ।

## ଗଛ କାଟୁଥିବା ବେଳେ ବଜ୍ରପାତ, ଯୁବକ ମୃତ

ମୁନିଗୁଡା,୨୯।୪(ସମିସ): ରାୟଗଡ଼ା ଜିଲ୍ଲା ମୁନିଗୁଡା ବ୍ଲକ ରଘୁବାରୀ ଅଞ୍ଚଳରେ ଏକ ଦୁଃଖଦ ଘଟଣା ଘଟିଛି। ନୀଳଗିରି ଗଛ କାଟୁଥିବା ବେଳେ ବଜ୍ରପାତ ହୋଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ଜଣଙ୍କ ହେଲେ ମୁନିଗୁଡା ବ୍ଲକ ରଘୁବାରି ପଞ୍ଚାୟତ ଅନ୍ତର୍ଗତ ଜାଡ଼ି ଗାଁର ଗଲନ ମାଝୀ। ସେ ତାଙ୍କ ସମ୍ପର୍କୀୟ ଭାଇମାନଙ୍କ ସହ ବିଷମକଟକ ବ୍ଲକ ଥୁଆପାଡ଼ି ଗାଁରେ ନୀଳଗିରି ଗଛ କାଟୁଥିବା ବେଳେ ହଠାତ୍ ବଜ୍ରପାତ ଘଟିଥିଲା। ଘଟଣା ସ୍ଥଳରେ ତାର ମୃତ୍ୟୁ ହୋଇଥିଲା। ମୃତକଙ୍କୁ ବିଷମକଟକ ସରକାରୀ ଚିକିତ୍ସାଳୟକୁ ନିଆଯାଇଛି। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଜଣାପଡିଛି। ଏହି ଅପମୃତ୍ୟୁ ପରେ ସମଗ୍ର ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ଥାନୀୟ ଲୋକମାନେ ମୃତକଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଦାବି କରିଛନ୍ତି।

## କୁଆ ପଥର ବର୍ଷା ପରେ ମୃଦୁ ଭୂମିକମ୍ପ

ନବରଙ୍ଗପୁର,୨୯।୪(ସମିସ): ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ସଦର ସମେତ କିଛି ଅଞ୍ଚଳରେ ମୃଦୁ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି। ବୁଧବାର ସନ୍ଧ୍ୟା ୭ଟା ୪୨ ମିନିଟ୍ ୨୧ ସେକେଣ୍ଡରେ ଏହି ଭୂକମ୍ପ ହୋଇଥିବା ଜଣାପଡିଛି। ତେବେ ଏହି ଭୂମିକମ୍ପ କେବଳ ନବରଙ୍ଗପୁର ଜିଲ୍ଲାର ଝରିଗାଁ ନୁହେଁ, ଜିଲ୍ଲାର ଚନ୍ଦାହାଣ୍ଡିରେ ମଧ୍ୟ ଭୂମିକମ୍ପ ଅନୁଭୂତ ହୋଇଥିବା ଜଣାପଡ଼ିଛି। ତେବେ ବର୍ତ୍ତମାନ ସୁଦ୍ଧା ଭୂକମ୍ପରେ କୌଣସି କ୍ଷୟକ୍ଷତି ହୋଇଥିବା ନେଇ ସୂଚନା ନାହିଁ। ଭୂକମ୍ପର କେନ୍ଦ୍ରସ୍ଥଳ କଳାହାଣ୍ଡି ଜିଲ୍ଲାର କୁଆମ୍ବ ହୋଇ ଥିବା ବେଳେ, ରିକ୍ଟର ସ୍କେଲରେ ଏହାର ତୀବ୍ରତା ୪.୧ ରହିଥିବା ଜଣାପଡିଛି। ଏହି ଭୂମିକମ୍ପ ପୂର୍ବରୁ ଝରିଗାଁରେ ପ୍ରାୟ ଏକ ଘଣ୍ଟା କାଳ କୁଆପଥର ସହିତ ବର୍ଷା ହୋଇଥିଲା। ତେବେ ବର୍ଷା ବନ୍ଦ ହେବା ପରେ ଭୂକମ୍ପ ଅନୁଭୂତ ହେବା ପରେ ଏ ନେଇ ବର୍ତ୍ତମାନ ସ୍ଥାନୀୟ ଅଞ୍ଚଳର ଲୋକେ ଆତଙ୍କିତ ରହିଥିବା ଜଣାପଡ଼ିଛି।

# ୩ଟି କେନ୍ଦ୍ରୀୟ ଯୋଜନାରେ ସମ୍ମାନିତ ଚିକିତ୍ସାଳୟରେ ଉତ୍ସବ ପାଳନ



ଜୟପୁର, ୨୯।୪(ସମିସ): ରାଜ୍ୟର କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ଜିଲ୍ଲା ଚିକିତ୍ସାଳୟ ୧୭ଟି ବିଭାଗରେ ଶ୍ରେଷ୍ଠ ହୋଇ ରାଜ୍ୟର ଏକମାତ୍ର ଜିଲ୍ଲା ଚିକିତ୍ସାଳୟ ଭାବେ ଚଳିତ ୨୦୨୫-୨୬ ବର୍ଷ ପାଇଁ ଶ୍ରେଷ୍ଠ ଚିକିତ୍ସାଳୟ ଭାବେ କେନ୍ଦ୍ର ସରକାରଙ୍କ ମୁସ୍କାନ, ଲକ୍ଷ୍ୟ ଏବଂ ଏନକ୍ୟୁଏଏସ ତିନୋଟି ଯୋଜନାରେ ସଫଳତା ପାଇଛି। ଏଥିନେଇ ଆଜି ଜିଲ୍ଲା ଚିକିତ୍ସାଳୟରେ କେକ୍ କାଟି ଏବଂ ମିଷ୍ଟାନ ବଣ୍ଟନ କରାଯାଇ ଉତ୍ସବ ପାଳନ କରାଯିବା ସହିତ ଆଗାମୀ ଦିନରେ ଏହିପରି ସଫଳତା କାମନା କରାଯାଇ ସମସ୍ତ ଅଧିକାରୀ ଓ କର୍ମଚାରୀ ମାନେ ପରସ୍ପରକୁ ଶୁଭକାମନା ଜଣାଇଥିଲେ। ଜାତୀୟ ସ୍ୱାସ୍ଥ ମିଶନର ଯୋଜନା ମାଧ୍ୟମରେ ଜାତୀୟ ହେଲ୍ଥ ସିସେଷ୍ଟମ ରିସୋର୍ସ ସେଣ୍ଟର ପକ୍ଷରୁ ଗତ ମାର୍ଚ୍ଚ ମାସ ୨୩ ତାରିଖରୁ ୨୫ ତାରିଖ ପର୍ଯ୍ୟନ୍ତ ଜିଲ୍ଲା ଚିକିତ୍ସାଳୟରେ ଦିଲ୍ଲୀ, କାନପୁର ଏବଂ ତେଲେଙ୍ଗାନ ରାଜ୍ୟର ୩ଟି ବୈଷୟିକ ଏବଂ ଅନ୍ୟାନ୍ୟ ବିଭାଗର ବିଶେଷଜ୍ଞ ଦଳ ଜିଲ୍ଲା ଚିକିତ୍ସାଳୟରେ ପହଞ୍ଚି ଶିଶ, ପ୍ରସୁତି, ଔଷଧ କେନ୍ଦ୍ର, ବହିଃ ଚିତିତ୍ସା, ରାକ୍ତ ଭଣ୍ଡାକ. ପାଥଲୋଜି, ପରିମଳ ଏବଂ ଅନ୍ୟାନ୍ୟ ସମୁଦାୟ ୧୭ଟି ବିଭାଗର ବୁଲି ଯାଞ୍ଚ କରିଥିଲେ। ଏହାପରେ ଏଥିନେଇ ଗତ ୧୫ ଏବଂ ୧୭ ତାରିଖରେ ଏଥିନେଇ ଜିଲ୍ଲା ଚିକିତ୍ସାଳୟକୁ ଲକ୍ଷ୍ୟ ଓ ଏକ୍ୟୁଏଏସ ଯୋଜନାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ପାଇଛନ୍ତି। ଉଭୟ ଯୋଜନାରେ ଜିଲ୍ଲା ଚିକିତ୍ସାଳୟ ଉନ୍ନତୀକରଣ ପାଇଁ ବାର୍ଷିକ ୩ ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯିବ ଏବଂ ମୁସ୍କାନ ଯୋଜନାରେ ୮୭.୭୨ ନମ୍ବର ରଖି ବାର୍ଷିକ ଶିଶୁ ବିଭାଗର ୱାର୍ଡ ଏବଂ ବହିଃ ବିଭାଗ ସମେତ ଏସଏନସିୟୁ ବିଭାଗର ଉନ୍ନତୀକରଣ ପାଇଁ ବାର୍ଷିକ ୯ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯିବ। ପ୍ରତ୍ୟେକ ୬ ମାସରେ ଏହିପରି ଯାଞ୍ଚ ହେବ , କିନ୍ତୁ ଗୋଟିଏ ଯୋଜନାରେ ଗୋଟିଏ ବର୍ଷ ପାଇଁ ସହାୟତ ପ୍ରଦାନ କରାଯିବ, କିନ୍ତୁ ଅନ୍ୟ ଦୁଇଟି ଯୋଜନାରେ ଆସନ୍ତା ୩ ବର୍ଷ ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସେହିପରି ବିଶେଷଜ୍ଞ ଡାକ୍ତର ଏବଂ ଅନ୍ୟାନ୍ୟ ଚିକିତ୍ସା ଓ ବୈଷୟିକ କର୍ମଚାରୀଙ୍କୁ ନିଯୁକ୍ତି ସମେତ ଅନ୍ୟାନ୍ୟ ସୁବିଧା ଓ ସୁଯୋଗ ଜାତୀୟ ସ୍ୱାସ୍ଥ୍ୟ ମିଶନ ଦ୍ୱାରା ପ୍ରଦାନ କରାଯିବ ବୋଲି ଜିଲ୍ଲା ଚିକିତ୍ସାଳୟ ଅଧକ୍ଷକ ଡା. ଅକ୍ଷୟ କୁମାର ରଥ ପ୍ରକାଶ କରିଛନ୍ତି। ଚିକିତ୍ସାଳୟରେ ଉତ୍ସବ ପାଳନ ଅବସରରେ ଡା. ଜୟବାବୁ, ଡା. ଦୁର୍ଗା ପ୍ରସାଦ ପାତ୍ର, ଡା.ସସ୍ମିତା ଦାସ, ଡା. ଜଗଦିଶ ଚନ୍ଦ୍ର ବେହେରା. ଡା. ଆଶିଷ ପାଣିଗ୍ରାହୀ ଏବଂ ମ୍ୟାନେଜର ରୂପସି ମଧୁମିତା ନାୟକ, ତଥାଗତ ଦାସ, ଅନ୍ୟାନ୍ୟ ଡାକ୍ତର ସହିତ ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ।

## କାଳବୈଶାଖୀ ତାଣ୍ଡବ, ଗଛପଡି ରାସ୍ତା ଅବରୋଧ



କଲ୍ୟାଣସିଂହପୁର,୨୯।୪(ସମିସ): ରାତ୍ର ପ୍ରାୟ ୮ଟା ସମୟରେ କଳାହାଣ୍ଡିଆ ମେଘ ଆସି କାଳ ବୈଶାଖୀ ତାଣ୍ଡବ ରଚିଛି। ରାୟଗଡା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକର ବିଭିନ୍ନ ଅଞ୍ଚଳରେ ପ୍ରବଳ ପବନ ହୋଇଥିବାରୁ ବିଭିନ୍ନ ସ୍ଥାନରେ ଗଛ ଉପୁଡି ଯାଇଥିବା ଜଣାପଡିଛି। ସେହିପରି ରାୟଗଡା କଲ୍ୟାଣସିଂହପୁର ୪୫ ରାଜ୍ୟ ରାଜପଥ ଶିକର ପାଇ ଠାକୁରାଣୀ ମନ୍ଦିର ଆମ୍ବ ତୋଟା ନିକଟରେ ଏକ ଆମ୍ବ ଗଛ ରାସ୍ତା ଉପରେ ପଡିଯିବାରୁ ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ ହୋଇ ଯାଇଛି। ଉକ୍ତ ରାସ୍ତାରେ ଯିବାଆସିବା ଯାନବାହନ ଗୁଡାକ ଅଟକି ଯାଇଥିବାରୁ ଯାତ୍ରୀମାନେ ରାତ୍ରରେ ବହୁ ଅସୁବିଧାରେ ସମ୍ମୁଖୀନ ହେବାକୁ ପଡୁଥିବା ଯାତ୍ରୀମାନେ ଅଭିଯୋଗ କରିଛନ୍ତି। ଏଣୁ ଅଗ୍ନିଶମ ବିଭାଗ ଯୁଦ୍ଧ କାଳୀନ ଭିତରେ ରାସ୍ତା ସଫା କରିବା ପାଇଁ ଦାବି ହୋଇଛି। ଖବର ପ୍ରସାରଣ ପର୍ଯ୍ୟନ୍ତ ଅଗ୍ନିଶମ ବିଭାଗ ପହଞ୍ଚି ପାରିନି।

## ତିନୋଟି ସଂଘର ନବ ନିର୍ବାଚିତ ସଭାପତି ସମ୍ବର୍ଦ୍ଧିତ



ଜୟପୁର,୨୯।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ଉପଖଣ୍ଡ କ୍ରୀଡା ସଂଘ ପକ୍ଷରୁ ଆଜି ସଂଧ୍ୟାରେ ଜିଲ୍ଲା ଆଇନଜୀବୀ ସଂଘର ନବ ନିର୍ବାଚିତ ସଭାପତି ବିଜୟ କୁମାର ରାୟ ଜେନା ଦେଓ, ଜୟପୁର ଚାମ୍ବର ଅଫ କମର୍ସ ଏଣ୍ଡ ଇଣ୍ଡାଷ୍ଟ୍ରିର ସଭାପତି ସଞ୍ଜୟ କୁମାର ଜୈନ, ଜିଲ୍ଲା ପୁଲିସ ହାବିଲାଦାର ଓ କନଷ୍ଟେବଲ ସଂଘର ସଭାପତି ଜଗନ୍ନାଥ ବେହେରାଙ୍କୁ ସ୍ଥାନୀୟ ଷ୍ଟାଡିୟମ ପଡିଆ କାର୍ଯ୍ୟାଳୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ପୂର୍ବତନ ଜିଲ୍ଲା କ୍ରୀଡା ସଂଘର ସମ୍ପାଦକ ଅନୁପ ପାତ୍ର, ଉପଖଣ୍ଡ କ୍ରୀଡା ସଂଘର ବରିଷ୍ଠ ସଦସ୍ୟ ବାଲା ରାୟ ଉପସ୍ଥିତ ରହିଥିବା ବେଳେ ଏହି କାର୍ଯ୍ୟକ୍ରମକୁ ଉପଖଣ୍ଡ କ୍ରୀଡା ସଂଘର ସମ୍ପାଦକ ରବି ନାୟକ ପରିଚାଳନା କରିଥିଲେ। ଏହି ଅବସରରେ ଜିଲ୍ଲା ଆଇଜଜୀବୀ ସଂଘ ଏବଂ ଜିଲ୍ଲା ପୁଲିସ ହାବିଲଦାର ଏବଂ କନଷ୍ଟେବଲ ସଂଘର ସଭାପତି ବିଭିନ୍ନ କ୍ରୀଡାରେ ଯୋଡିତ ରହି ଜିଲ୍ଲା ପାଇଁ ଖେଳିଥିବା ବେଳେ ଉପଖଣ୍ଡ କ୍ରୀଡା ସଂଘର କୋଷାଧକ୍ଷ ଭାବେ ଚାମ୍ବର ଅଫ କମର୍ସର ସଭାପତି ଶ୍ରୀ ଜୈନ ରହିଥିବା କ୍ରୀଡା ସଂଘ ଏବଂ ଖେଳାଳି ମାନଙ୍କୁ ଅଧିକ ଉତ୍ସାହିତ କରିଛି ବୋଲି ସଂଘର ଉପସ୍ଥିତ କର୍ମକର୍ତ୍ତା ମାନେ ନିଜ ବକ୍ତବ୍ୟରେ କହିଥିଲେ।

## ମହିଳା ଜନ ଆକ୍ରୋଶ ସମାବେଶ

ଉମରକୋଟ,୨୯।୪(ସମିସ): ନବରଙ୍ଗପୁର ଜିଲ୍ଲା ର ଉମରକୋଟ ଠାରେ ମହିଳା ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ, ସ୍ୱତନ୍ତ୍ର ଉନ୍ନୟନ ବିକାଶ ପରିଷଦ ର ଅଧକ୍ଷା ବାସନ୍ତୀ ମାଝି ବରିଷ୍ଠ ବିଜେପି ନେତ୍ରୀ ପ୍ରୀତି ସ୍ନିଗ୍ଧା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଉମରକୋଟ ଠାରେ ମହିଳା ମାନଙ୍କ ଏକ ବିଶାଳ ଶୋଭାଯାତ୍ରା ପୌର ପରିଷଦ ଠାରୁ ବାହାରି ସହର ପରିକ୍ରମା କରି ଡ଼ଙ୍ଗରିଗୁଡ଼ା ଠାରେ ପହଞ୍ଚିଥିଲା। ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରିଥିବା ବିରୋଧୀଙ୍କ ବିରୋଧରେ ମହିଳା ମାନେ ରାସ୍ତାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହା ପରେ ଡ଼ଙ୍ଗରି ଗୁଡ଼ା ଠାରେ ଜନ ଆକ୍ରୋଶ ସମାବେଶ ଅନୁଷ୍ଠିତ ହୋଇଥିଲା। ନାରୀ ବନ୍ଦନ ଅଧିନିୟମକୁ ବିରୋଧ କରୁଥିବା ବିରୋଧୀ ମାନଙ୍କୁ ନାରୀ ମାନେ ଆଗାମୀ ଦିନରେ ନିଶ୍ଚୟ ଉଚିତ ଜବାବ ଦେବେ ବୋଲି ଏହି ସମାବେଶରେ ମତ ପ୍ରକାଶ ପାଇଥିଲା। ମହିଳାମାନଙ୍କୁ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଆହୁତ ନାରୀଶକ୍ତି ବନ୍ଦନ ଅଧିନିୟମ ରାଜନୀତି କ୍ଷେତ୍ରରେ ମହିଳାମାନଙ୍କ ଭାଗିଦାରୀକୁ ଦୃଢୀଭୂତ କରିଥାନ୍ତା । କିନ୍ତୁ ମହିଳା ବିରୋଧୀ ଆଭିମୁଖ୍ୟ ଯୋଗୁଁ ଅଧିନିୟମ ଲାଗୁ ହୋଇପାରି ନାହିଁ ବୋଲି ମନ୍ତ୍ରୀ ଶ୍ରୀ ଗଣ୍ଡ କହିବା ସହ ମହିଳାଙ୍କୁ ୩୩ ପ୍ରତିଶତ ସଂରକ୍ଷଣର ସାମ୍ବିଧାନିକ ଅଧିକାର ନିଶ୍ଚିତ ଓ ଏଥିପାଇଁ ଲଢେଇ ଜାରି ରଖିବ ବୋଲି ପ୍ରକାଶ କରିଛନ୍ତି।

## ଉପଖଣ୍ଡ ଆରକ୍ଷୀ ଅଧିକାରୀଙ୍କୁ ପ୍ରେସ୍ କ୍ଲବ୍‌ର ସମ୍ବର୍ଦ୍ଧନା



ନନ୍ଦପୁର,୨୯।୪ (ସମିସ): ନୂତନ ଆଇନ ପ୍ରୟୋଗ ପରର ରିପୋର୍ଟ କାର୍ଡ ଆଧାରରେ ରାଜ୍ୟର ୬୮ ପୁଲିସ କର୍ମଚାରୀଙ୍କ ମଧ୍ୟରେ ନନ୍ଦପୁର ଏସ୍‌ଡିପିଓ ଦେବେନ୍ଦ୍ର କୁମାର ମଲ୍ଲିକ ରହିଛନ୍ତି। କଟକ ମୁଖ୍ୟ ପୁଲିସ କାର୍ଯ୍ୟାଳୟ ଠାରେ ଆର୍‌କେ ପାଢ଼ି ମେମୋରିଆଲ ହଲରେ ଆୟୋଜିତ କାର୍ଯ୍ୟକ୍ରମରେ ବଡ ପୁଲିସ ଅଧିକାରୀ ଗଣଙ୍କ ଉପସ୍ଥିତିରେ ନନ୍ଦପୁର ଏସ୍‌ଡିପିଓ ଶ୍ରୀ ମଲ୍ଲିକଙ୍କୁ ସମ୍ମାନିତ କରାଯାଇଥିଲା। ଏ ନେଇ ନନ୍ଦପୁର ପ୍ରେସ କ୍ଲବ୍ ପକ୍ଷରୁ ଏସ୍‌ଡିପିଓ ଶ୍ରୀ ମଲ୍ଲିକଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। କାର୍ଯ୍ୟକ୍ରମରେ ପାଡୁଆ ଥାନା ଅଧିକାରୀ ଅଶୋକ କୁମାର ବିଶୋଇ, ନନ୍ଦପୁର ପ୍ରେସ କ୍ଲବ୍ ସଭାପତି ତ୍ରିନାଥ ଖରା, ଉପ ସଭାପତି ବିମଳ ରାଓ ସ୍ମିତ୍, ସମ୍ପାଦକ ରମେଶ କୁମାର ଅଧିକାରୀ, ହରେଶ ଖିଲ, ପ୍ରେସ କ୍ଲବ୍ ଉପଦେଷ୍ଟା ବିପିନ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଖାଦ୍ୟ ସୁରକ୍ଷା ବିଭାଗର ଚଢ଼ଉ

ଜୟପୁର,୨୯।୪(ସମିସ): ଜୟପୁର ସହରର ପ୍ରସାଦରାଓ ପେଟା ଏବଂ ନୀଳକଣ୍ଠ ମନ୍ଦିର (ଏନକେଟି) ରାସ୍ତାରେ ରହିଥିବା ଫୁଟପାଥ, ଜଳଖିଆ ଏବଂ ଫାଷ୍ଟଫୁଡ ହୋଟେଲ ଉପରେ ଜିଲ୍ଲା ଖାଦ୍ୟ ସୁରକ୍ଷା ଅଧିକାରୀଙ୍କ ନେତୃତ୍ୱରେ ଆଜି ସଂଧ୍ୟାରେ ଚଢ଼ଉ କରାଯାଇଥିଲା। ମୁଖ୍ୟତଃ ସଫେଇ ଓ ପରିମଳ ସହିତ ଖାଦ୍ୟର ମାନ ଯାଞ୍ଚ କରାଯାଇଥିଲା। ଆଜି ସଂଧ୍ୟାରେ ଏହି ଚଢ଼ଉ ବେଳେ ବିଭିନ୍ନ ଫୁଟପାଥ ଜଳଖିଆ ଓ ଫାଷ୍ଟଫୁଡ ହୋଟଲ ମଧ୍ୟରୁ ୯ଟି ଦୋକାନରେ ଅବ୍ୟବସ୍ଥା ରହିଥିବା ନେଇ ସମୁଦାୟ ୪ହଜାର ୨୦୦ ଟଙ୍କା ଆଦାୟ କରାଯାଇଥିଲା। ଏହିପରି ଆଗାମୀ ଦିନରେ ସହରର ବିଭିନ୍ନ ପାଣି ଏବଂ ଗ୍ରୀଷ୍ମ ଦିନ ପାଇଁ ଅନ୍ୟାନ୍ୟ ପାନୀୟ ପ୍ରସ୍ତୁତ କରୁଥିବା କାରଖାନା ଉପରେ ଚଢଉ କରାଯିବା ସହିତ ସହରର ଅନ୍ୟାନ୍ୟଦୋକାନ ଉପରେ ଚଢ଼ଉ କରାଯିବ। ଖାଦ୍ୟ ସୁରକ୍ଷା ଅଧିକାରୀ ପଙ୍କଜିନୀ ଦେହୁରୀ. ପୌର ସ୍ୱାସ୍ଥ୍ୟ ନିରୀକ୍ଷକ ଭବନୀ ହାଲବା, ସତ୍ୟନାରାୟଣ ପାତ୍ର, ଜଗଦିଶ ରାଓ ଏବଂ ଅନ୍ୟାନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

## ଯୁବତୀଙ୍କ ଆତ୍ମହତ୍ୟା

ପୋଡ଼ାଗଡ଼,୨୯।୪(ସମିସ): କୋରାପୁଟ ଜିଲ୍ଲା ଦଶମନ୍ତପୁର ଥାନା ମୁର୍କାର ପଞ୍ଚାୟତର ସୀମାନ୍ତର ରାୟଗଡା ଜିଲ୍ଲା ଟିକିରି ଥାନା ଅଧିନସ୍ଥ ମାନୀଙ୍ଗ ଗ୍ରାମର ଜଣେ ଯୁବତୀ ଆତ୍ମହତ୍ୟା କରିଛି। ଦଶମନ୍ତପୁର ଥାନା ଅଧିକାରୀ ଚରଣ ସିଂ ମାଝୀଙ୍କ ସୂଚନା ମୁତାବକ ଟିକିରୀ ଥାନା ଅଧିନସ୍ଥ ମାନିଙ୍ଗ ଗ୍ରାମର ବାଲମତି ମାଝୀ (୨୧) ଆତ୍ମହତ୍ୟା ଉଦ୍ୟମ କରିବାରୁ ପରିବାର ଲୋକେ ତାଙ୍କୁ ତୁରନ୍ତ ଉଦ୍ଧାର କରି ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଆଣିଥିଲେ। ହସ୍ପିଟାଲ୍‌ରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ବିରୋଧୀ ଦଳକୁ ବିଜେପି ମହିଳା ମୋର୍ଚ୍ଚାର ଟାର୍ଗେଟ୍



କୋରାପୁଟ/ପୋଡ଼ାଗଡ଼, ୨୯।୪(ସମିସ): ବିଗତଦିନ ମାନଙ୍କରେ ସାଂସଦରେ ମହିଳା ସଂରକ୍ଷଣ ବିଲ କାଟ ଖାଇଲାପରେ କୋରାପୁଟ ଜିଲ୍ଲା ବିଜେପି ମହିଳା ମୋର୍ଚ୍ଚା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ କରାଯିାଛି। ଏହି ସାମ୍ବାଦିକ ସମ୍ମିଳନୀ ରେ ବାସନ୍ତୀ ଶତପଥୀ ବବିତା ପ୍ରଧାନ ଓ ମାଧବୀ ଜେନା ପ୍ରମୁଖ ମହିଳା ନେତ୍ରୀ ବିରୋଧୀ କଂଗ୍ରେସ, ଡିଏମକେ, ତୃଣ ମୂଳ କଂଗ୍ରେସ ଭଳି ଅନେକ ବିରୋଧୀ ଦଳ ଚକ୍ରାନ୍ତ କରି ବିଲ ପାସ ହେବାକୁ ଦେଇନଥିଲେ ବୋଲି କହିଛନ୍ତି। ଅନ୍ୟ ପକ୍ଷରେ ଆଗାମୀ ଦିନମାନଙ୍କରେ କୋରାପୁଟ ଜିଲ୍ଲାର ପ୍ରତ୍ୟେକ ମଣ୍ଡଳ ଓ ବୁଥ ସ୍ତରରେ ମହିଳା ଜନଆକ୍ରୋଶ କରାଯିବା ସହ ମହିଳା ମାନଙ୍କ ପ୍ରତି କରାଯାଇ ଥିବା ଅନ୍ୟାୟକୁ ସମସ୍ତ ମହିଳାଙ୍କୁ ଜଣାଇ ଦିଆଯିବ ବୋଲି କୁହାଯାଇଥିଲା। ଏହାବ୍ୟତୀତ ମହିଳା ମାନଙ୍କୁ ବିରୋଧୀ ଆଗକୁ ନେବାପାଇଁ କେବେ ଚାହେଁ ନାହିଁ ବୋଲି କୁହାଯାଇଛି। ଆଗାମୀ ପଞ୍ଚାୟତ ନିର୍ବାଚନରେ ଏହାର ଜବାବ୍ ମହିଳା ମାନେ ନିଶ୍ଚିତ ଦେବେ ବୋଲି କୁହାଯାଇଛି।

## ପୋଖରୀ ଖୋଳିଲେ,ପୋତିଦେଲେ

# ଅଧିକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ସହ ଅର୍ଥ ଫେରସ୍ତ ଦାବି



କୋରାପୁଟ,୨୯।୪(ସମିସ): ଜଳ ବିଭାଜିକା ପକ୍ଷରୁ ଗୋଟିଏ ପୋଖରୀ ଖୋଳା ଯାଇଥିଲା। ଏବେ ତାହାକୁ ପୋତି ଦିଆଯାଉଛି। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ପୋଖରୀ ଖୋଳିଥିଲେ। କିନ୍ତୁ ଏହାକୁ ଗ୍ରାମବାସୀ ବିରୋଧ କଲେ। ପରେ ଏହାକୁ ପୋତି ଦିଆଯାଉଛି। ଘଟଣାଟି ଜୟପୁର ବ୍ଲକ ଅନ୍ତର୍ଗତ ଜାମୁଣ୍ଡା ପଞ୍ଚାୟତର ବଡପଡ଼ା ଗ୍ରାମରେ ଘଟିଛି। ଜଳ ବିଭାଜିକା ପକ୍ଷରୁ ଉକ୍ତ ଗ୍ରାମରେ ପୋଖରୀ ଖୋଳା ଯାଇଥିଲା। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାର ୧ ଲକ୍ଷ ୧୪ ହଜାର ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିଲା। ଏହାକୁ ଗ୍ରାମବାସୀ ବିରୋଧ କରି ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।ଜିଲ୍ଲାପାଳ ତୁରନ୍ତ ଜଳ ବିଭାଜିକା ଉପ ନିର୍ଦ୍ଦେଶକ ଶିବ ଚରଣ ଜେଠିଙ୍କୁ ଡକାଇ ଲୋକମାନଙ୍କ ସହ ଆଲୋଚନା କରି ସମସ୍ୟା ସମାଧାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ଗ୍ରାମକୁ ଉପ ନିର୍ଦ୍ଦେଶକ ଯାଇ ଲୋକମାନଙ୍କ ସହ ଆଲୋଚନା କରିଥିଲେ ଏବଂ ଲୋକମାନଙ୍କ ଦାବିକୁ ସମ୍ମାନ ଜଣାଇ ପୋଖରୀ ପୋତିବାକୁ ନିଷ୍ପତ୍ତି ନେଇଥିଲେ। ତତ ଅନୁସାରେ ନିର୍ମାଣ କରାଯାଇଥିବା ପୋଖରୀକୁ ଏକ ମେସିନ ସହାୟତାରେ ଗତ କାଲିଠାରୁ ପୋତିବା କାର୍ଯ୍ୟ କରାଯାଉଛି। ଚାଷ ଜମିକୁ ସୁନିଶ୍ଚିତ ଜଳସେଚନ ଯୋଗାଇ ଦେବା, ଜଳର ଅପଚୟ ରୋକିବା ଏବଂ କୃଷି ଉତ୍ପାଦନ ବୃଦ୍ଧି କରିବା ଲକ୍ଷ୍ୟରେ ଯୋଜନା କରାଯାଇଥିଲା। ପ୍ରଧାନମନ୍ତ୍ରୀଙ୍କ ଯୋଜନାକୁ କୋରାପୁଟ ଜିଲ୍ଲାର ଉକ୍ତ ଗ୍ରାମରେ ସରକାରୀ ଅଧିକାରୀ କିପରି ଲକ୍ଷ୍ୟହୀନ କଲେ ତାହାକୁ ନେଇ ଜିଲ୍ଲାବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି ।ଆମ୍ଭ ଗ୍ରାମରେ ପୋଖରୀ ଅଛି,ପୋଖରୀର ଆବଶ୍ୟକତା ନ ଥିଲା ଏବଂ ନିର୍ମାଣ ପୂର୍ବରୁ ଗ୍ରାମବାସୀଙ୍କ ସହ ଆଲୋଚନା ନ କରି ପୋଖରୀ ଖୋଲିଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଥିଲେ। ପୋଖରୀ ଖୋଲିଲେ ଏଥିରେ ଅର୍ଥ ଖର୍ଚ୍ଚ ହେଲା ପୁଣି ଅର୍ଥ ଖର୍ଚ୍ଚ କରି ପୋତା ଯାଉଛି। ରାଜ୍ୟ ଏବଂ କେନ୍ଦ୍ର ସରକାରଙ୍କ ଅର୍ଥ ଅପଚୟ ପାଇଁ କିଏ ଦାୟୀ ରହିବେ। ସେମାନଙ୍କ ବିରୁଦ୍ଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯିବ। ତାହାକୁ ନେଇ ସାଧାରଣରେ ଦାବି ହେବା ସହ ଯେଉଁ ଅଧିକାରୀ କିମ୍ବା କର୍ମଚାରୀଙ୍କ ପାଇଁ ସରକାରୀ ଅର୍ଥକୁ ଅଯଥା ଖର୍ଚ୍ଚ କଲେ ସେମାନଙ୍କ ନିକଟରୁ ଅର୍ଥ ଫେରସ୍ତ ଆଣିବାକୁ ଦାବି ହେଉଛି। ଏ ସଂପର୍କରେ ଜଳ ବିଭାଜିକା ଉପ ନିର୍ଦ୍ଦେଶକ ଏବଂ ଜୟପୁର ପିଆଇଓଙ୍କୁ ପଚରା ଯାଇଥିଲା।କିନ୍ତୁ ସେମାନେ ପ୍ରତିକ୍ରିୟା ଦେବାକୁ ମନା କରିଦେଇଥିଲେ।ଜଣେ ବିଭାଗୀୟ କର୍ତ୍ତୃପକ୍ଷ ମେସିନର ଖର୍ଚ୍ଚ ପ୍ରଦାନ କରିବେ ବୋଲି କହିବା ପରେ ଗ୍ରାମବାସୀ ଏକ ମେସିନ ଆଣି ପୋଖରୀ ପୋତିବା କାର୍ଯ୍ୟ କରୁଛନ୍ତି। ଆସନ୍ତାକାଲି ପୋତିବା କାର୍ଯ୍ୟ ଶେଷ ହୋଇଯିବ ବୋଲି ଲକ୍ଷ୍ମୀ ନାରାୟଣ ଗାଦବା କହିଛନ୍ତି।

## କିଲ୍ଲୋଗୁଡ଼ାଠାରେ ପୁରାତନ ବିହନ ମହୋତ୍ସବ

# ୭ରୁ ଊର୍ଦ୍ଧ୍ୱ ଜଙ୍ଗଲୀ ପ୍ରଜାତି ବିହନ ପ୍ରଦର୍ଶନ

ପଟାଙ୍ଗି,୨୯।୪(ସମିସ) ଏଏସଆର ଜିଲ୍ଲାର କିଲ୍ଲୋଗୁଡ଼ାଠାରେ ଏପ୍ରିଲ ୨୮ ତାରିଖ ଦିନ ୧୭ତମ ପୁରାତନ ବିହନ ମହୋତ୍ସବ ତଥା ପୂର୍ବଘାଟ ଜୈବ ବିବିଧତା ମହୋତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ସଞ୍ଜୀବନୀ, ଆରୱାଇଏସଏସ ଏବଂ ଏପିଏନସିଏଫର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ଉତ୍ସବରେ ପାରମ୍ପରିକ ଫସଲର ପୁନରୁଦ୍ଧାରର ୩୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ସ୍ୱତନ୍ତ୍ର ସମାରୋହର ଆୟୋଜନ କରାଯାଇଥିଲା। ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ 'ଫାଉଣ୍ଡେସନ ଫର ଇକୋଲୋଜିକାଲ ସିକ୍ୟୁରିଟି' କୋରାପୁଟ ଦଳ ସକ୍ରିୟ ଅଂଶଗ୍ରହଣ କରି ନିଜର ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି। କାର୍ଯ୍ୟକ୍ରମ ପରିସରରେ ଏଫଇଏସ ଦଳ ପକ୍ଷରୁ ଏକ ଆକର୍ଷଣୀୟ ଷ୍ଟଲ୍ ଖୋଲାଯାଇଥିଲା। ଏଥିରେ ପ୍ରାୟ ୭୫ରୁ ଅଧିକ ବିଭିନ୍ନ ଜଙ୍ଗଲୀ ପ୍ରଜାତିର ମଞ୍ଜି, ଜଙ୍ଗଲ ଖାଦ୍ୟ ଏବଂ ପାରମ୍ପରିକ ବିହନ




ପ୍ରଦର୍ଶନ କରାଯାଇଥିଲା। ଏହାବ୍ୟତୀତ, ଜଳବାୟୁ ସହିଷ୍ଣୁ କୃଷି ପ୍ରଣାଳୀ ଉପରେ ବ୍ୟାପକ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ଜଙ୍ଗଲଜାତ ଖାଦ୍ୟ, ଫସଲ ଜଳ ଆକଳନ ଏବଂ କ୍ଲାର୍ଟ ମୋବାଇଲ ଆପ୍ଲିକେସନର ବ୍ୟବହାର ବିଷୟରେ ଦଳ ପକ୍ଷରୁ ଜନସାଧାରଣଙ୍କୁ ବାସ୍ତବିକ ପ୍ରଦର୍ଶନ ଓ ସୂଚନା ପ୍ରଦାନ କରାଯାଇଥିଲା। ଏହି ମହୋତ୍ସବରେ ବ୍ୟାପକ ସ୍ୱଦେଶୀ ବିହନ ବିନିମୟ, ପାରମ୍ପରିକ ଜୈବବିବିଧତା ପ୍ରଦର୍ଶନୀ ଏବଂ ବିହନ ସାର୍ବଭୌମତ୍ୱ ଉପରେ ଏକ ଗୁରୁତ୍ୱପୂର୍ଣ୍ଣ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ପ୍ରଦର୍ଶନୀ ଏବଂ ଆଲୋଚନା ସହିତ, ଅଂଶଗ୍ରହଣକାରୀମାନେ ଅଞ୍ଚଳର ସମୃଦ୍ଧ ଆଦିବାସୀ ସଂସ୍କୃତିର ମଜା ମଧ ନେଇଥିଲେ। ମନୋରଞ୍ଜନ ପାଇଁ ପାରମ୍ପରିକ 'ଢେମ୍ସା' ନୃତ୍ୟ ପରିବେଷଣ କରାଯାଇଥିବା ବେଳେ, ସ୍ଥାନୀୟ ମାଣ୍ଡିଆ ତଥା କନ୍ଦା ଜାତୀୟ ଫସଲରୁ ପ୍ରସ୍ତୁତ ସୁସ୍ୱାଦୁ ଖାଦ୍ୟ ଲୋକଙ୍କୁ ବେଶ୍ ଆକୃଷ୍ଟ କରିଥିଲା। ପୂର୍ବଘାଟ ପର୍ବତମାଳାର ପରିବେଶ ଏବଂ ସ୍ୱଦେଶୀ ବିହନ ସଂରକ୍ଷଣ କ୍ଷେତ୍ରରେ ନିରନ୍ତର କାର୍ଯ୍ୟ କରୁଥିବା ସମସ୍ତ ବିହନ ସଂରକ୍ଷକମାନଙ୍କୁ ଦଳ ପକ୍ଷରୁ ସାଧୁବାଦ ଜ୍ଞାପନ କରାଯାଇଥିଲା ଏବଂ ଆଗାମୀ ଦିନରେ ଏହି ଅମୂଲ୍ୟ ଐତିହ୍ୟକୁ ବଞ୍ଚାଇ ରଖିବା ପାଇଁ ମିଳିତ ପ୍ରୟାସ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏଫଇଏସ କୋରାପୁଟ ତରଫରୁ ଏହି କାର୍ଯ୍ୟକ୍ରମରେ ପ୍ରଦୀପ ମିଶ୍ର, ତପନ ଖୋସଲା, କେ. ମୁରଲୀ କୃଷ୍ଣା, କୃତିକା ମହାନ୍ତି, ଆଦର୍ଶ କାଟେଙ୍ଗେ ଏବଂ ତ୍ରିନାଥ ଗୁଣ୍ଟା ପ୍ରମୁଖ ସଦସ୍ୟ ଅଂଶଗ୍ରହଣ କରିଥିଲେ। ସେହିପରି କ୍ୟାଡର ଭାବେ ତ୍ରିନାଥ ଖିଲୋ, ମୀନା ପାଙ୍ଗୀ ଏବଂ ରଞ୍ଜୁ ହନ୍ତାଳ ସାମିଲ ହୋଇ କାର୍ଯ୍ୟକ୍ରମକୁ ସଫଳ ରୂପାୟନ ଦେଇଥିଲେ।

**● ମର୍ଣ୍ଣିଂୱାକ୍ ବେଳେ ଅଜଣାଗାଡ଼ି ଧକ୍କାରେ ଆହତଙ୍କ ମୃତ୍ୟୁ**

# କ୍ଷତିପୂରଣ ଦାବିରେ ପୁଣି ଏନ୍ଏଚ୍ ଅବରୋଧ

ଜୟପୁର, ୨୯ ।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ଉମୁରୀ ଗ୍ରାମ ଠାରେ ଗତକାଲି ଭୋର ସମୟରେ ଗ୍ରାମର ଦୁଇଜଣ ବ୍ୟକ୍ତି ୨୬ ନମ୍ବର ଜାତୀୟ ରାଜପଥ ରାସ୍ତା ପାଖରେ ମର୍ଣ୍ଣିଂ ୱାକିଂ କରୁଥିବା ବେଳେ କୌଣସି ଅଜଣା ଗାଡି ଦୁଇଜଣଙ୍କୁ ଧକ୍କାରେ ଗତାକାଲି ଜଣେ ବ୍ୟକ୍ତିଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଆଜି ଗୁରୁତର ଥିବା ଉମୁରୀ ଗ୍ରାମର ନରସିଂହ ବେହେରା (୬୦)ଙ୍କ ବିଶାଖପାଟଣା ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାର ମୃତ୍ୟୁ ଘଟିଛି। ଗତକାଲି ଗ୍ରାମବାସୀ ଓ ପରିବାର ଲୋକେ ଉମୁରୀ ଗ୍ରାମର ଦୁର୍ଘଟଣା ନିୟନ୍ତ୍ରଣ ବ୍ୟବସ୍ଥା, ସିସି କ୍ୟାମେରା ସଂଲଗ୍ନ ସହିତ କ୍ଷତିପୂରଣ ଦାବି କରିଥିଲେ। ଆଜି ପୁଣି ମାତ୍ର ଅଧଘଣ୍ଟା ପାଇଁ କ୍ଷତିପୂରଣ ଦାବି ନେଇ ୨୬ ନମ୍ବର ଜାତୀୟ ରାଜପଥକୁ ଗ୍ରାମର ପୁରୁଷ, ମହିଳା ଏବଂ ମୃତକଙ୍କ ପରିବାର ଲୋକ ଅବରୋଧ କରିଥିଲେ। ଆଜି ପୁଲିସ ପକ୍ଷରୁ ଉକ୍ତ ଜାତୀୟ ରାଜପଥରେ ଯାତାୟାତ କରୁଥିବା ସମସ୍ତ ଗାଡିର ଦୃତଗତିରେ ଯାତାୟାତ ନିୟନ୍ତ୍ରଣ ନେଇ ବ୍ୟାରିକେଟ ନିର୍ମାଣ କରାଯାଇଛି । ଆଗାମୀ ଦିନରେ ସିସି କ୍ୟାମେରା ବ୍ୟବସ୍ଥା କରାଯିବା ନେଇ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରାଯିବ ବୋଲି ଗତକାଲି ଏସଡିପିଓ ଅର୍ଚ୍ଚିତା ମିଞ୍ଜ ପ୍ରତିଶୃତି ଦେଇଥିଲେ । କିନ୍ତୁ ମୃତକ ନରସିଂହଙ୍କ ଶବକୁ ରାସ୍ତାରେ ରଖି ମଧ୍ୟାହ୍ନରେ ପୁଣି ଆଜି ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାସ୍ତାରେ ଉଭୟ ପାଖରେ ଯାତ୍ରୀବାହୀ ବସ ଏବଂ ଅନ୍ୟାନ୍ୟ ଗାଡି ଗୁଡିକ ଅଟକି ରହିବା ଯୋଗୁଁ ସାଧାରଣଲୋକ ପ୍ରବଳ ଗ୍ରୀଷ୍ମ ପ୍ରବାହରେ ହନ୍ତସନ୍ତ ହୋଇଥିଲେ। ଖବରପାଇ ଘଟଣାସ୍ଥଳରେ ସଦରଥାନା ପୁଲିସ ପହଞ୍ଚି ରାସ୍ତା ଅବରୋଧକାରୀଙ୍କୁ ବୁଝାସୁଝା କରିବା ସହିତ ଜିଲ୍ଲା ରେଡକ୍ରସରୁ ସହାୟତା ରାଶି ପ୍ରଦାନ କରାଯାଇଥିବା ବେଳେ ଦୁର୍ଘଟଣା ଘଟାଇ ଫେରାର ରହିଥିବା ଗାଡି ଧରାପଡିଲେ ଆଇନ




ବ୍ୟବସ୍ଥା ଅନୁଯାୟୀ କ୍ଷତିପୂରଣ ରାଶି ନେଇ ବ୍ୟବସ୍ଥା କରାଯିବ ବୋଲି ପ୍ରତିଶୃତି ପରେ ରାସ୍ତା ଅବରୋଧ ହଟିଥିଲା। ପ୍ରକାଶଯେ, ଗତ କାଲି ଭୋରରୁ ଗ୍ରାମର ଗ୍ରାମର ହଳଧର ନାୟକ ଏବଂ ନରସିଂହ ବେହେରା ମର୍ଣ୍ଣିଂ ୱାକ କରୁଥିବା ବେଳେ କୌଣସି ଅଜଣାଗାଡି ଧକ୍କା ଦେଇ ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା। ଘଟଣାସ୍ଥଳରେ ହଳଧରଙ୍କ ମୃତ୍ୟୁ ହୋଇଥିବା ବେଳେ ଗୁରୁତର ଅବସ୍ଥାରେ ନରସିଂହଙ୍କୁ ବିଶାଖପାଟଣା ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଥିଲା।

## ବିବାହ ବାର୍ଷିକୀରେ ରକ୍ତଦାନ ଶିବିର




ଦାମନଯୋଡି/ ସେମିଳିଗୁଡା, ୨୯।୪ (ସମିସ): କୋରାପୁଟ ଜିଲ୍ଲାର ଦାମନଯୋଡିର ସେକ୍ଟର - ୨ ସ୍ଥିତ ସୁନାବେଶ ମଣ୍ଡପ ଠାରେ ଦାମନଯୋଡିର ସେଚୁରିଆନ ରାକ୍ତଦାତା ପାବିତ୍ର ସାହୁ ତାଙ୍କର ୩୦ତମ ବିବାହ ବାର୍ଷିକୀ ଏକ ଭିନ୍ନ ଢ଼ଙ୍ଗରେ ପାଳନ କରିଛନ୍ତି। ସେଥିଲାଗି ଆଜି ସୁନାବେଶ ମଣ୍ଡପ ନିକଟରେ ଓଡ଼ିଶା ରକ୍ତଦାତା ମହାସଂଘ କୋରାପୁଟଶାଖା ଆନୁକୁଲ୍ୟରେ ପବିତ୍ର ସାହୁଙ୍କ ବଳିଷ୍ଠ ଉଦ୍ୟମରେ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଶିବିରକୁ ନିଜେ ପବିତ୍ର ସାହୁ ଓ ତାଙ୍କ ସହଧର୍ମିଣୀ ସୁଧାଂଶୁବାଳା ସାହୁ ପ୍ରଥମେ ରକ୍ତଦାନ କରି ଉଦ୍‌ଘାଟନ କରିଥିଲେ। ପବିତ୍ର ସାହୁ ଆଜି ତାଙ୍କର ୧୨୭ତମ ରକ୍ତଦାନ କରି ଏକ ବିରଳ ରେକର୍ଡ ସ୍ଥାପନା କରିବା ସହ ଅନ୍ୟମାନଙ୍କ ପାଇଁ ଉଦାହଣ ସାଜିଛନ୍ତି। ଉକ୍ତ ଶିବିରରେ ନିମନ୍ତ୍ରିତ ଅତିଥିଭାବେ ଓଡ଼ିଶା ରକ୍ତଦାତା ମହାସଂଘ କୋରାପୁଟର କାର୍ଯ୍ୟକାରି ସଭାପତି ଯୋଗ ଦେଇ ତାଙ୍କର ୬୨ତମ ରକ୍ତଦାନ କରିଥିଲେ। ଓଡ଼ିଶା ରକ୍ତଦାତା ମହାସଂଘର କାର୍ଯ୍ୟକାରୀ ସଭାପତି ଡ. ନରେଶ ଚନ୍ଦ୍ର ସାହୁ ଉଭୟ ଦମ୍ପତିଙ୍କୁ ଆଶୀର୍ବାଦ କରିବା ସହ ନୂତନ ରକ୍ତଦାତାଙ୍କୁ ଉତ୍ସାହିତ କରିଥଲେ। ଏହି ଶିବିରକୁ ପବିତ୍ର ସାହୁଙ୍କ ପୁଅ ପ୍ରତ୍ୟୁଷ କୁମାର ସାହୁ, ନିରଂଜନ ପାତ୍ର,ଅଭୟ ଜେନା, ପ୍ରକାଶ ଚନ୍ଦ୍ର ପ୍ରଧାନ,ସୁନୀଲ କୁମାର ସାହୁ ଶିବିର ପରିଚାଳନା କରିଥଲେ। ଓଡିଶା ବ୍ଲଡ ସେଣ୍ଟର ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ କୋରାପୁଟ ର ରକ୍ତଭଣ୍ଡାର କର୍ମଚାରୀ ରଞ୍ଜିତ କୁମାର ସାହୁ, ଗୀତା ପରିଡ଼ା, ଅଜିତ୍ ଗୌଡ଼ ଓ ଡ. ଏମ୍ଏସ୍ ବଳିଆର୍ଶିଂହ ରକ୍ତ ସଂଗ୍ରହ କରିଥିଲେ। ପ୍ରବଳ ଗରମ ସତ୍ତ୍ୱେ ଉକ୍ତ ରକ୍ତଦାନ ଶିବିରରୁ ୨୪ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା।

## ମଧୁବାବୁଙ୍କ ଜୟନ୍ତୀ ପାଳିତ




ମାଲକାନଗିରି, ୨୯।୪(ସମିସ): ଉତ୍କଳ ସମ୍ମିଳନୀ ମାଲକାନଗିରି ଜିଲ୍ଲା ଶାଖା ଆନୁକୂଲ୍ୟରେ ସଭାପତି ଦୁଷ୍ମନ୍ତ କୁମାର ଜେନାଙ୍କ ତତ୍ତ୍ୱାବଧାନରେ କୁଳବୃଦ୍ଧ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ ସଦର ମହକୁମାର ସର୍କିଟ୍ ହାଉସ୍ ପରିସରରେ ଥିବା ମଧୁବାବୁଙ୍କ ପ୍ରତିମୂର୍ତ୍ତିରେ ସଭାପତି ଶ୍ରୀ ଜେନା, ଉପସଭାପତି ବୁଦ୍ଧିଜୀବୀ ଲମ୍ବୋଧର ତୁରୁକ, ଉପଦେଷ୍ଟା ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ପଣ୍ଡା ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଧୂପ ଓ ଦୀପ ପ୍ରଜ୍ୱଳନ କରିଥିଲେ। ଏହାପରେ ଜୀବନୀ ଆଲୋଚନାରେ ସଭାପତି ଶ୍ରୀ ଜେନା "ମଧୁବାବୁଙ୍କ ଜୀବନୀ ଓଡ଼ିଶା। ର ଅର୍ଦ୍ଧ ଶତାବ୍ଦୀର ଇତିହାସ' ବୋଲି ଅଭିହିତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଚିତ୍ତ ସରକାର, ସୁରେନ୍ଦ୍ର କୁମାର ମଲ୍ଲିକ, ବାବାଜୀ ଚରଣ ସ୍ୱାଇଁ, ସରୋଜ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ରାୟଗଡ, ୨୯।୪(ସମିସ): ରାୟଗଡ ଜିଲ୍ଲା ସଦର ବ୍ଲକ ନାକିଟି କ୍ଲଷ୍ଟରର ରଫୁକଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଏକ ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇ ଯାଇଛି । ଏହି କ୍ଲଷ୍ଟରର ବଡ଼ମାଣଧାର ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ମଳୟ କୁମାର ଦାସଙ୍କୁ ବିଦାୟ




କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଏହି ବୈଠକରେ ରାୟଗଡ ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଛବିଲାଲ ସିଂ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। କୁଟୁଳି ଆଶ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋପୀନାଥ ପରିଛା ଓ ବଡଚେକା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଜଗତ ପ୍ରସାଦ ବ୍ୟବର୍ତା ସମ୍ମାନିତ ଅତିଥି ଭାବରେ ମଞ୍ଚାସୀନ ଥିଲେ। ସିଆରସିସି ରମେଶ ଚନ୍ଦ୍ର ସାହୁ ଓ ଶିକ୍ଷକ ରାଜେଶ ବିଡ଼ିକା ମଞ୍ଚ ପରିଚାଳନା କରିଥିଲେ କ୍ଷ ସମସ୍ତ ଅତିଥି ଶ୍ରୀ ଦାସଙ୍କ ଅନୁଭୂତି ଓ କାର୍ଯ୍ୟ ଶୈଳୀ ଓ ଦକ୍ଷତାକୁ ଭୂୟାୟସୀ ପ୍ରଶଂସା କରିଥିଲେ କ୍ଷ କାର୍ଯ୍ୟକ୍ରମ ଶେଷରେ ଶ୍ରୀ ଦାସଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇ ଥିଲା କ୍ଷ ଏହି କାର୍ଯ୍ୟକ୍ରମରେ କ୍ଲଷ୍ଟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିଲେ କ୍ଷ ପୁଞ୍ଜିପାଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀ କୃଷ୍ଣ ପଟନାୟକ, ରଫୁକଣା ପ୍ରଧାନ ଶିକ୍ଷକ ପୂର୍ଣ୍ଣ ଚନ୍ଦ୍ର ନାଲା ଓ ପ୍ରଧାନ ଶିକ୍ଷକ ଉମାଶଙ୍କର ପଣ୍ଡା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଅଭିଯୋଗ ପରେ ଅଭିଯୋଗ; ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା କାହିଁକି ?

ମୁନିଗୁଡା/ଅମ୍ବାଦଳା,୨୯।୪ (ସମିସ):




ରାୟଗଡ଼ ଜିଲ୍ଲା ଅମ୍ବାଦଳା ମଙ୍ଗଳ ବିଭାଗୀୟ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ନେଇ ପୁନର୍ବାର ବିବାଦ ତୀବ୍ର ହୋଇଛି। ପୂର୍ବରୁ ହଷ୍ଟେଲରେ ରହୁଥିବା ଜଣେ ଛାତ୍ରଙ୍କ ରେଳ ଲାଇନ ଉପରେ ମୃତଦେହ ଉଦ୍ଧାର ଘଟଣାରେ ତତ୍କାଳୀନ ପ୍ରଧାନ ଶିକ୍ଷକ ଓ ଅଧକ୍ଷଙ୍କୁ ତୁରନ୍ତ ନିଲମ୍ବନ। ପ୍ରଧାନ ଶିକ୍ଷକଙ୍କ ଚାପରେ ଆସି ଜଣେ ସହକାରୀ ଶିକ୍ଷକ ନିଶାସକ୍ତ ଅବସ୍ଥାରେ ଗଣେଶ ମୂର୍ତ୍ତି ଭାଙ୍ଗିବା ଘଟଣାରେ ଦେଢ଼ ଦିନରେ ଉକ୍ତ ଶିକ୍ଷକ ଉପରେ କାର୍ଯ୍ୟାନୁଷ୍ଠାନ ହେବା ଓ ତଦନ୍ତ ବେଳେ ଜଣେ ଶିକ୍ଷୟିତ୍ରୀ ପ୍ରଧାନ ଶିକ୍ଷକଙ୍କ ଉପରେ ମାନସିକ ଯନ୍ତ୍ରଣା ଅଭିଯୋଗ କରିବାରୁ ଉକ୍ତ ଶିକ୍ଷୟତ୍ରୀଙ୍କୁ ତୁରନ୍ତ ବଦଳି କରିଥିବା ଜିଲ୍ଲା ପ୍ରଶାସନ ବର୍ତ୍ତମାନ ଗୁରୁତର ଅଭିଯୋଗ ସତ୍ତ୍ୱେ ନିରବ ରହିବାକୁ ନେଇ ପ୍ରଶ୍ନ ଉଠୁଛି। ବିଶେଷକରି ବର୍ତ୍ତମାନର ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଲଗାତାର ଅଭିଯୋଗ ଆସୁଥିଲେ ସୁଦ୍ଧା କୌଣସି ଦୃଢ଼ ପଦକ୍ଷେପ ନ ହେବାରୁ ଅଞ୍ଚଳରେ ଅସନ୍ତୋଷ ବଢୁଛି। ସୂଚନା ଅନୁସାରେ, ନବମ ଶ୍ରେଣୀର ୪ ଜଣ ଛାତ୍ର ବର୍ଷ ଧରି ପଢ଼ିଥିଲେ ମଧ ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ପରେ ରିଆଡମିସନ ନଥିବା କାରଣ ଦର୍ଶାଯାଇଥିବା ବେଳେ ଏଥିପାଇଁ ଲାଞ୍ଚ ଚାହିଁଥିବା ଅଭିଯୋଗ ମଧ ଉଠିଛି। ଏଥି ସହିତ ପିଲା ଓ ଅଭିଭାବକଙ୍କ ସହ ଦୁର୍ବ୍ୟବହାର, ଅନ୍ତେବାସୀ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ କାମ କରାଇବା ଏବଂ ପ୍ରାର୍ଥନାରେ ବିଳମ୍ବ ହେଲେ ଖରାରେ ଦଣ୍ଡ ଦେବା ଭଳି ଗୁରୁତର ଅଭିଯୋଗ ମଧ ସାମ୍ନାକୁ ଆସିଛି। ଏହା ସହ ଚିକିତ୍ସାରେ ଅବହେଳାରୁ ଜଣେ ଛାତ୍ରୀଙ୍କ ମୃତ୍ୟୁ, ବାହାର ଛାତ୍ରଛାତ୍ରୀଙ୍କୁ ଲାଞ୍ଚ ନେଇ ଭର୍ତ୍ତି କରିବା, ସିନିୟର ଛାତ୍ରଙ୍କ ମାଡରେ ଜୁନିୟର ଛାତ୍ର ଆହତ ହେବା ଭଳି ଘଟଣା ମଧ ଚର୍ଚ୍ଚାରେ ରହିଛି। ତଦନ୍ତ ସମୟରେ ଟିମକୁ ସହଯୋଗ ନ କରିବା, ଅଫିସ ଚାବି ଘରେ ରଖିବା ଦାବି କରି ତଦନ୍ତକୁ ବାଘାତ କରିବା, ଗଣମାଧ୍ୟମ ବିରୋଧରେ ଥାନାରେ ଅଭିଯୋଗ କରିବା ଭଳି ଅଭିଯୋଗ ମଧ ଉଠିଛି। ଏହି ସମସ୍ତ ଅଭିଯୋଗକୁ ନେଇ ଅଞ୍ଚଳବାସୀ ରାସ୍ତା ଅବରୋଧ କରିଥିବା ସହ ଜିଲ୍ଲା ପରିଷଦ ବୈଠକରେ ମଧ ମୁଦ୍ଦା ଉଠା ଯାଇଥିଲା। ଜିଲ୍ଲାରେ ମଙ୍ଗଳ ବିଭାଗୀୟ ବିଦ୍ୟାଳୟର ୪୦ରୁ ଅଧିକ ଶିକ୍ଷକଙ୍କୁ ବଦଳି କରାଯାଇଥିଲେ ସୁଦ୍ଧା ଅମ୍ବାଦଳା ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ବଦଳରେ ଉପରକୁ ଲେଖି ଜଣାଇଛୁ କହି ପ୍ରଧାନ ଶିକ୍ଷକଙ୍କୁ ସୁରକ୍ଷା ଦିଆଯାଉଥିବା ଜିଲ୍ଲାର ବୁଦ୍ଧିଜୀବୀ ମହଲରେ ଏହାକୁ ନେଇ ପ୍ରଶ୍ନ ତୀବ୍ର ହୋଇଛି। ଜିଲ୍ଲା ପରିଷଦ ଉପାଧକ୍ଷ ସନ୍ତୋଷ ସୁନା, ଯୁବନେତା ଧୀରେନ୍ଦ୍ର ପାଣିଗ୍ରାହି, ସାଂସଦ ପ୍ରତିନିଧି ରଜନୀ କାନ୍ତ ପୋଡାଲ, ଯୁବନେତା ଜଗନ୍ନାଥ ପ୍ରସାଦ ପ୍ରମୁଖ ଏନେଇ ପ୍ରଶ୍ନ ଉଠାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଖୁବ ଶୀଘ୍ର ପ୍ରଧାନ ଶିକ୍ଷକଙ୍କୁ ନିଲମ୍ବନ କରାନହେଲେ ରାସ୍ତାକୁ ଓହ୍ଲାଇବା ସହ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ କୁଶପୁତ୍ତଳିକା ଦାହ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି। ସମଗ୍ର ଘଟଣାକୁ ନେଇ ଜିଲ୍ଲା ପ୍ରଶାସନର ଭୂମିକା ଉପରେ ପ୍ରଶ୍ନ ଉଠୁଥିବା ବେଳେ ଏବେ ସମସ୍ତଙ୍କ ଦୃଷ୍ଟି ପ୍ରଶାସନର ପରବର୍ତ୍ତୀ ପଦକ୍ଷେପ ଉପରେ ରହିଛି।

## ନନ୍ଦପୁର ଲ୍ୟାମ୍ପ୍ସର ବାର୍ଷିକ ସାଧାରଣ ସଭା

ନନ୍ଦପୁର,୨୯।୪ (ସମିସ): ନନ୍ଦପୁର ଆଦର୍ଶ ଲ୍ୟାମ୍ପ୍ସ ପରିସରରେ ନନ୍ଦପୁର ଲ୍ୟାମ୍ପ୍ସର ଏକ ବିଶେଷ ବାର୍ଷିକ ସାଧାରଣ ସଭା ସଭାପତି ଦାନା ସୀସାଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି। ସଭାରେ ନିର୍ଦ୍ଦେଶକ ଜଗନ୍ନାଥ ପାଙ୍ଗି, ବଳଭଦ୍ର ସୀସା, ରାମେଶ୍ୱର ଦୋରା, ମଧୁସୂଦନ ଦୋରା, ସିମାଞ୍ଚଳ ଖିଲ୍ଲୋ, ଗିରିଧର ନାୟକ ଓ ଭଗବାନ ସିସା ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ଶେଖ୍ ଗଫୁର୍, ଗୋପାଳ ମାଟାମ୍, ତଥା ଋଣ ଧାରକ ଜିବୁ କିର୍ଶାନି, ବାଳକୃଷ୍ଣ ସୁଆର, ରାମନାଥ ପଣ୍ଡା, ଶିବ ପ୍ରସାଦ ବେବର୍ତ୍ତା, ରାମ ମାଳି ସହ ଅଞ୍ଚଳର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଯୋଗଦେଇଥିଲେ। ସଭାରେ ୨୦୨୪-୨୫ ଆର୍ଥିକ ବର୍ଷର ଅଡିଟ୍ ରିପୋର୍ଟ ଅନୁସାରେ ସଦସ୍ୟମାନଙ୍କ ପାଇଁ ଡିଭିଡେଣ୍ଡ ବଣ୍ଟନ ବିଷୟରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ମୋଟ ରାଶି ୨୧,୧୦,୧୪୭.୪୪ ଟଙ୍କା ମଧ୍ୟରୁ ୪,୬୪,୧୩୭.୮୦ ଟଙ୍କା ସରକାରଙ୍କୁ ଏବଂ ୧୬,୪୬,୦୦୯ ଟଙ୍କା ସଦସ୍ୟମାନଙ୍କୁ ଡିଭିଡେଣ୍ଡ ଭାବେ ବଣ୍ଟନ କରାଯିବାକୁ ସ୍ଥିର କରାଯାଇଛି। ପରବର୍ତ୍ତୀ ସମୟରେ ସଂପୃକ୍ତ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ନିୟମିତ ଋଣଧାରକମାନଙ୍କର କୋରାପୁଟ କେନ୍ଦ୍ରୀୟ ସମବାୟ ବ୍ୟାଙ୍କରେ ଥିବା



ସେଭିଂସ୍ ପାସବୁକ୍‌ରେ ଡିଭିଡେଣ୍ଡ ରାଶି ପୈଠ କରାଯିବ। ଅନ୍ୟପଟେ ଅପରିଶୋଧକମାନଙ୍କ ପାଇଁ ସେହି ରାଶି ସେମାନଙ୍କ ଋଣ ଖାତାରେ ସମଯୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି। ସଭାକୁ ବରିଷ୍ଠ ନିର୍ଦ୍ଦେଶକ ଗୋପାଳ କୃଷ୍ଣ ବେବର୍ତ୍ତା ପରିଚାଳନା କରିଥିଲେ। ଶେଷରେ ପରିଚାଳନା ନିର୍ଦ୍ଦେଶକ ସୁରେଶ ପଣ୍ଡା ଧନ୍ୟବାଦ ଜଣାଇ ସଭାର ସମାପ୍ତି ଘୋଷଣା କରିଥିଲେ।

## ଯାତ୍ରୀବାହୀ ଅଟୋ ଓଲଟି ଜଣେ ମୃତ

ଜୟପୁର, ୨୯ ।୪(ସମିସ): କୋରାପୁଟ ଜିଲ୍ଲା ଜୟପୁର ସଦରଥାନା ରାଣିପୁଟ ଗ୍ରାମ ନିକଟରେ ଏକ ଅଟୋ ଓଲଟି ପଡିବାରୁ ଜଣେ ମହିଳା ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ମୃତ ମହିଳା ଫାମ୍ପୁଣି ଗ୍ରାମପଞ୍ଚାୟତ ଗୌଡଗୁଡା ଗ୍ରାମର ଜେମା ନାୟକ(୫୫)।
ସୂଚନା ଅନୁଯାୟୀ, ମୃତା ମହିଳା ଆଜି ପୂର୍ବାହ୍ନ ୮ଟା ସମୟରେ ଏକ ଯାତ୍ରୀବାହୀ ଅଟୋ(ଓଡି ୧୦କେ-୮୪୦୧) ଯୋଗେ ଫୁଲ ଓ ଦହି ବିକ୍ରି କରିବା ଉଦ୍ଦେଶ୍ୟର ଜୟପୁର ଆସୁଥିବା ବେଳେ ଅଟୋର ଡ୍ରାଇଭର ନିୟନ୍ତ୍ରଣ ହରାଇବାରୁ ରାସ୍ତା ପାଖକୁ ଅଟୋ ଓଲଟି ପଡ଼ିଥିଲା। ଫଳରେ ମହିଳ ଜଣକ ରାସ୍ତା ପାଖକୁ ଛିଟିକି ପଡିବା ଯୋଗୁଁ ଆଟୋଟି ତାଙ୍କ ଉପରେ ଚାପି ହୋଇଯାଇଥିଲା । ସ୍ଥାନୀୟ ବାସିନ୍ଦା ଓ ଉକ୍ତ ରାସ୍ତାରେ ଯାତାୟାତ କରୁଥିବା ସାଧାରଣ ଜନତା ମାନେ ମହିଳାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରିବା ପରେ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ମୃତା ମହିଳାଙ୍କ ପୁଅ ଅଭି ନାୟକଙ୍କ ଏତଲା କ୍ରମେ ସଦରଥାନା ପୁଲିସ ମହିଳାଙ୍କ ମରଶରୀର ଏବଂ ଅଟୋକୁ ଜବତ କରିଥିଲେ। ଶବ ବ୍ୟବଚ୍ଛେଦ ପରେ ମହିଳାଙ୍କ ମରଶରୀକୁ ପରିବାର ଲୋକଙ୍କ ହସ୍ତାନ୍ତର କରାଯାଇଛି । ପ୍ରକାଶ ଯେ, ଜୟପୁର ସହର ଏବଂ ଗ୍ରାମାଞ୍ଚଳର ବ୍ୟାପକ ଅଟୋ ଯାତାୟାତ କରୁଥିବା ବେଳେ ଅଧିକାଂଶ ଅଟୋ ଡ୍ରାଇଭରଙ୍କ ଚାଳକ ଲାଇସେନ୍ସ ନାହିଁ ଏବଂ ଅଟୋ ଗୁଡିକରେ ଆବଶ୍ୟକତା ଠାରୁ ଦ୍ୱିଗୁଣ ଅର୍ଥାତ୍ ଗୋଟିଏ ଅଟୋରେ ୧୦ରୁ ଉର୍ଦ୍ଧ ଯାତ୍ରୀ ବୋଝେଇ କରାଯାଇ ବେପରୁଆ ଭାବେ ଯାତାୟାତ କରାଯାଉଥିବା ଯୋଗୁଁ ବିଭିନ୍ନ ସମୟରେ ଏହିପରି ଦୁର୍ଘଟଣା ଗୁଡିକ ଘଟିବା ଦ୍ୱାରା ଧନଜୀବନ ନଷ୍ଟ ହେଉଛି। କିନ୍ତୁ ପରିବହନ କିମ୍ବା ପୁଲିସ ବିଭାଗ ପକ୍ଷରୁ ଏହିପରି ବେପରୁଆ ଅଟୋ ଚାଳକଙ୍କ ଉପରେ କୌଣସି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନଥିବା ନେଇ ସାଧାରଣରେ ଅଭିଯୋଗ ହେଉଛି।

**ଏନ୍ଏଚ୍ ଜାମ୍, ଲୋକେ ହନ୍ତସନ୍ତ**

# କେବେ ସୁଧୁରିବ ସହରର ଟ୍ରାଫିକ୍ ସମସ୍ୟା ?






ନବରଙ୍ଗପୁର,୨୯।୪(ସମିସ): ସୁଧୁରି ପାରିଲା ନାହିଁ ସହର ମଧ ଦେଇ ଯାଇଥିବା ରାଜପଥର ଉପୁଜୁଥିବା ଟ୍ରାଫିକ ସମସ୍ୟା। ହେଲେ ସହରବାସୀଙ୍କ ସମେତ ଯାତାୟାତ କରୁଥିବା ସମସ୍ତ ଜନସାଧାରଣଙ୍କ ଗୋଟିଏ ହିଁ ପ୍ରଶ୍ନ ଯେ କେବେ ସୁଧୁରିବ ସହର ମଧ ଦେଇ ଯାଇଥିବା ଏହି ରାଜପଥର ଟ୍ରାଫିକ ସମସ୍ୟା। ନବରଙ୍ଗପୁର ସହର ମଧ ଦେଇ ଯାଇଛି ଜାତୀୟ ରାଜପଥ ନଂ-୨୬। ଦୀର୍ଘ ଦିନ ବିତିଯାଇଥିଲେ ମଧ ଏହାର କିଛି ସ୍ଥାୟୀ ସମାଧାନ ହେଇ ନ ଥିବାରୁ ଦିନକୁ ବଢ଼ିବାରେ ଲାଗିଛି ସହର ମଧ ଦେଇ ଯାଇଥିବା ଜାତୀୟ ରାଜପଥର ଟ୍ରାଫିକ ସମସ୍ୟା। ସହରର ଜଗନ୍ନାଥ ମନ୍ଦିର ଛକ ଠାରୁ ସଦାଶିବ ପାର୍କ ଛକ ନିକଟ ପର୍ଯ୍ୟନ୍ତ ସବୁଦିନ ଲାଗିରହିଛି ଟ୍ରାଫିକ ସମସ୍ୟା। ସକାଳ ୯ଘଣ୍ଟା ଠାରୁ ଆରମ୍ଭ ହେଉଛି ଏହି ରାସ୍ତାର ଟ୍ରାଫିକ ସମସ୍ୟା । ରାତ୍ର ପ୍ରାୟ ୧୦ଘଟିକା ପର୍ଯ୍ୟନ୍ତ ରହୁଛି। ରାସ୍ତାର ଚଉଡା ପ୍ରାୟ ସ୍ଥାନରେ ୨୫ ଫୁଟ କେଉଁ ସ୍ଥାନରେ ୨୭ ଫୁଟ । ଗୋଟିଏ ଦୁଇଟି ସ୍ଥାନରେ ଡ୍ରେନ୍‌କୁ ମିଶାଇ ୩୦ଫୁଟ ଓସାର ରହିଛି। ଏଭଳି ଅଣ ଓସାରିଆ ଜାତୀୟ ରାଜପଥରେ ପୁଣି ଟ୍ରାଫିକ ସମସ୍ୟା ଯୋଗୁଁ ନବରଙ୍ଗପୁର ସହରବାସୀ ଅଣ ନିଃଶ୍ୱାସି ହେଉଥିବା ଚର୍ଚ୍ଚା ହେଉଛି। ଏହା ଦିନକର ଘଟଣା ନୁହେଁ, ବର୍ଷ ବର୍ଷ ଧରି ପ୍ରତିଦିନ ଏଭଳି ଘଟଣା ଘଟିବାର ଦେଖିବାକୁ ମିଳୁଛି। ଏହି ଗୋଟିଏ ରାସ୍ତା ଦେଇ ହିଁ ପ୍ରତିଦିନ ଛତିଶଗଡ , ଆନ୍ଧ୍ର ପ୍ରଦେଶ ଅନ୍ୟପଟେ ପଶ୍ଚିମ ଓଡ଼ିଶା ,ଉତ୍ତର ଓଡ଼ିଶା ର ବିଭିନ୍ନ ଅଞ୍ଚଳକୁ ହଜାର ହଜାର ଗାଡ଼ି ମୋଟର ଯିବା ଆସିବା କରିବା ସହିତ ଓଡ଼ିଶାର କୋରାପୁଟ , କଳାହାଣ୍ଡି , ବଲାଙ୍ଗୀର , ଖୋର୍ଦ୍ଧା ,ସମ୍ବଲପୁର , ମାଲକାନଗିରି ଭଳି ଓଡ଼ିଶାର ମଧ ବହୁ ସ୍ଥାନକୁ ହଜାର ସଂଖ୍ୟାରେ ଗାଡ଼ି ମୋଟର ଯିବା ଆସିବା କରୁଛି। ଏହି ରାସ୍ତାରେ ଗଢି ଉଠିଥିବା କୌଣସି ବ୍ୟାଙ୍କ୍ କିମ୍ବା ବ୍ୟବସାୟିକ ପ୍ରତିଷ୍ଠାନରେ ନିଜସ୍ୱ ପାର୍କିଂ ବ୍ୟବସ୍ଥା ନାହିଁ । ଉଠା ଦୋକାନୀ ଏବଂ ସ୍ଥାୟୀ ଦୋକାନୀ ମାନଙ୍କର ଜିନିଷ ପତ୍ର ସବୁ ରାସ୍ତା ନିକଟ ଡ୍ରେନ୍ ଉପରେ ରଖି ବେଳେ ବେଳେ ରାସ୍ତା ଉପରକୁ ମଧ ଆସିଯାଇଛନ୍ତି। ଯାହା ଫଳରେ କି ରାସ୍ତା ଅଣଓସାରିଆ ହେଉଛି । ଟ୍ରାଫିକ ସମସ୍ୟା ଯୋଗୁଁ ଗତ ଦିନରେ ସହର ମଧରେ ଦୁର୍ଘଟଣା ଯୋଗୁଁ କିଛି ଜଣଙ୍କ ମୃତ୍ୟୁ ମଧ ଘଟିଛି। ଆମ୍ବୁଲାନ୍ସକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଅଟକି ରହିବାକୁ ପଡୁଛି। ବର୍ତ୍ତମାନ ଜାତୀୟ ରାଜପଥର ପ୍ରଶସ୍ତିକରଣ କାର୍ଯ୍ୟ ମଧ ଚାଲିଛି । କିନ୍ତୁ ସହର ମଧରେ ଓସାରିଆ କରାଯାଉନାହିଁ। ଜଗନ୍ନାଥ ମନ୍ଦିର ଠାରୁ ମାଝିଗୁଡ଼ା ସର୍କିଟ ହାଉସ ଛକ ପର୍ଯ୍ୟନ୍ତ ଏକ ପ୍ରକାର ଚଳନୀୟ ରାସ୍ତା କିନ୍ତୁ ଶ୍ରୀଜଗନ୍ନାଥ ମନ୍ଦିର ଛକ ନିକଟରୁ ସଦାଶିବ ପାର୍କ ଛକ ନିକଟ ପର୍ଯ୍ୟନ୍ତ ରାସ୍ତା ଅଣ ଓସାରିଆ କେଉଁ ସ୍ଥାନରେ ୨୫ଫୁଟ କେଉଁ ସ୍ଥାନରେ ୨୭ଫୁଟ । କେତେକ ସ୍ଥାନରେ ହିଁ ୨୮ ରୁ ୩୦ଫୁଟ ମଧରେ ରାସ୍ତାର ଚଉଡା ରହିଥିବାର ବିଭାଗ ପକ୍ଷରୁ ସୂଚନା ମିଳିଛି । ଏପରିକି ବର୍ତ୍ତମାନ ଆଉ କିଛି କରାଯିବ ନାହିଁ ବର୍ତ୍ତମାନ ଯେମିତି ଅଛି ସେମିତି ହିଁ ରହିବ । କାରଣ ବର୍ତ୍ତମାନ ଆମର ଏହି କାର୍ଯ୍ୟରେ ଜମି ଅଧିଗ୍ରହଣ ବ୍ୟବସ୍ଥା ନାହିଁ । ତେଣୁ ସହରର ଏହି ସ୍ଥାନ ମାନଙ୍କରେ ଯେମିତି ଅଣଓସାରିଆ ରହିଛି ସେମିତି ହିଁ ରହିବା ନେଇ ବିଭାଗ ପକ୍ଷରୁ ସୂଚନା ମିଳିଛି। ନବରଙ୍ଗପୁର ସହରର ଦୀର୍ଘ ବର୍ଷର ଏହି ଟ୍ରାଫିକ ସମସ୍ତ କିଭଳି ଯଥା ଶୀଘ୍ର ସମାଧାନ ହେବ ଏଥିପ୍ରତି ସରକାର ସ୍ୱତନ୍ତ୍ର ଧ୍ୟାନ ଦେବାକୁ ଜନସାଧାରଣ, ଛାତ୍ରଛାତ୍ରୀ, ରୋଗୀ, ଆମ୍ବୁଲାନ୍ସ ଏବଂ କର୍ମଚାରୀ ଦାବି କରିଛନ୍ତି।

## ସାହିର ଡ୍ରେନ୍ ପାଣି ରାସ୍ତାରେ, ଅମ୍ବାଦଳାରେ ଅସନ୍ତୋଷ




ଅମ୍ବାଦଳା,୨୯।୪(ସମିସ): ରାୟଗଡ଼ ଜିଲ୍ଲା ମୁନିଗୁଡା ବ୍ଲକ ଅମ୍ବାଦଳା ଅଞ୍ଚଳର ରାଜ ରାସ୍ତା ଉପରେ ସାହିର ଡ୍ରେନ ପାଣି ବହିଯାଉଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦୀର୍ଘଦିନ ଧରି ଡ୍ରେନ ବ୍ୟବସ୍ଥା ଅବ୍ୟବସ୍ଥିତ ଥିବାରୁ ମଳିନ ପାଣି ସିଧାସଳଖ ରାସ୍ତା ଉପରେ ବହି ଯାଉଛି, ଯାହା ଯାତାୟାତକୁ ବାଧା ସୃଷ୍ଟି କରୁଥିବା ସହ ସ୍ୱାସ୍ଥ୍ୟ ଜନିତ ସମସ୍ୟାର ଆଶଙ୍କା ବଢ଼ାଇଛି। ବିଶେଷକରି ଏହି ରାସ୍ତା ନିକଟରେ ମାଉସୀ ମା' ଗୃହ ଓ ମା ତାରିଣୀ ମନ୍ଦିର ଥିବାରୁ ପ୍ରତିଦିନ ଅନେକ ଶ୍ରଦ୍ଧାଳୁ ଯାତାୟାତ କରୁଛନ୍ତି। କିନ୍ତୁ ଡ୍ରେନର ଦୁର୍ଗନ୍ଧ ଓ ରାସ୍ତା ଉପରେ ପାଣି ଜମା ହେବା ଯୋଗୁଁ ଶ୍ରଦ୍ଧାଳୁମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ଷା ପୂର୍ବରୁ ଏହି ସମସ୍ୟା ଆହୁରି ଗୁରୁତର ରୂପ ନେବା ଆଶଙ୍କା ରହିଛି। ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଏନେଇ ପ୍ରଶାସନକ ଅବଗତ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ଶୀଘ୍ର ଡ୍ରେନ ସମସ୍ୟାର ସମାଧାନ ନହେଲେ ଆନ୍ଦୋଳନରେ ଓହ୍ଲାଇବାକୁ ବାସିନ୍ଦାମାନେ ଚେତାବନୀ ଦେଇଛନ୍ତି।

### ଜିଲ୍ଲାର ୩୧୪ ଗ୍ରାମକୁ ରାସ୍ତା ସଂଯୋଗୀକରଣ ଲକ୍ଷ୍ୟ

# ୫୬୨ କୋଟି ବ୍ୟୟରେ ନିର୍ମାଣ ହେବ ୨୭୪ ରାସ୍ତା

ରାୟଗଡ, ୨୯।୪(ସମିସ):

ଆସନ୍ତା ମଇ ୧ ତାରିଖରେ ଓଡିଶାରେ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମଜିଏସୱାଇ)-୪ର ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ରାୟଗଡ଼ ଜିଲ୍ଲା ଗସ୍ତ କାର୍ଯ୍ୟକ୍ରମ ରହିଛି । କାର୍ଯ୍ୟକ୍ରମରେ ରାଜ୍ୟ ଗ୍ରାମୀୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ଏବଂ ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ମନ୍ତ୍ରୀ ତଥା ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ନିତ୍ୟାନନ୍ଦ ଗଣ୍ଡଙ୍କ ଉପସ୍ଥିତିରେ ଏହି ସ୍ୱୀକୃତି ପତ୍ର ହସ୍ତାନ୍ତର ହେବ। କାର୍ଯ୍ୟକ୍ରମରେ ଓଡ଼ିଶାର ସଡ଼କ ଭିତ୍ତିଭୂମି ଗ୍ରାମୀଣ ବିକାଶର ଏକ ମୌଳିକ ସ୍ତମ୍ଭ ସ୍ଥାପନ କରିବ। ରାୟଗଡ଼ର ବାରିଝୋଲା ସ୍ଥିତ ସ୍ଥାନୀୟ ଜେସ୍କୋ ପଡିଆରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରୀୟ ଗ୍ରାମୀଣ ବିକାଶ ମନ୍ତ୍ରୀ ତାଙ୍କର ରାୟଗଡ଼ ଗସ୍ତ କାର୍ଯ୍ୟକ୍ରମରେ ୮୨୭ଟି ନୂତନ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ର ସ୍ୱୀକୃତି ପତ୍ର ହସ୍ତାନ୍ତର କରିବେ। ରାୟଗଡ଼ ଜିଲ୍ଲାରେ ୨୭୪ଟି ରାସ୍ତା ନିର୍ମାଣ କରାଯିବ। ଏଥିପାଇଁ ୫୬୨. ୧୦ କୋଟି ଟଙ୍କା ବ୍ୟୟ କରାଯିବ। ଏହି ସଡ଼କ ଯୋଗୁଁ ଜିଲ୍ଲାର ୩୧୪ଟି ଜନବସତି ଗ୍ରାମକୁ ଯୋଗାଯୋଗ ହୋଇପାରିବ। ଜିଲ୍ଲାରେ ନୂତନ ଭାବରେ ୫୫୨. ୨୧ କିଲୋମିଟର ନୂତନ ରାସ୍ତା ନିର୍ମାଣ ହେବ। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ରେ ରାୟଗଡ଼ ଜିଲ୍ଲା ଓଡିଶାରେ ସର୍ବାଧିକ ପ୍ରକଳ୍ପ ରହିଛି କ୍ଷ ଏହିଁ ଯୋଜନାରେ ରାଜ୍ୟର ଅର୍ଥନୈତିକ ଏବଂ ସାମାଜିକ ସେବାର ଉପଲବ୍ଧତାକୁ ସକ୍ଷମ କରିବା, କୃଷି ଆୟ ବୃଦ୍ଧି କରିବା, ଉତ୍ପାଦନଶୀଳ ନିଯୁକ୍ତି ସୁଯୋଗ ସୃଷ୍ଟି

### ମଇ ୧ରେ ରାୟଗଡରେ ପିଏମଜିଏସୱାଇ ସ୍ୱୀକୃତିପତ୍ର ହସ୍ତାନ୍ତର ସମାରୋହ

କରିବା ଏବଂ ଦାରିଦ୍ର୍ୟ ହ୍ରାସ କରିବାରେ ଗୁରୁତ୍ୱପୂର୍ଣ୍ଣ ଭିମିକା ରହିବ। ୨୦୨୫ ରେ ୨୫ ବର୍ଷ ପୂରଣ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା ଭାରତର ସବୁଠାରୁ ପ୍ରଭାବଶାଳୀ ଗ୍ରାମୀଣ ଭିତ୍ତିଭୂମି ପଦକ୍ଷେପ ମଧ୍ୟରୁ ଅନ୍ୟତମ। ୨୫ ଡିସେମ୍ବର ୨୦୦୦ ରେ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ପୂର୍ବରୁ ସଂଯୋଗ ହୋଇନଥିବା ଗ୍ରାମୀଣ ବସତିଗୁଡ଼ିକୁ ସବୁ ପାଣିପାଗରେ ଚାଲୁ ରହୁଥିବା ରାସ୍ତା ସହ ସଂଯୋଗ କରିବା। ବର୍ତ୍ତମାନ ପିଏମଜିଏସୱାଇ କୃଷି ଅଭିବୃଦ୍ଧି, ନିଯୁକ୍ତି ସୃଷ୍ଟି, ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାରେ ଉନ୍ନତ ପ୍ରବେଶ ଏବଂ ଦାରିଦ୍ର୍ୟ ହ୍ରାସର ଏକ ପ୍ରମୁଖ ସହାୟକ ଭାବରେ ଉଭା ହୋଇଛି। ସମୟ କ୍ରମେ, ପିଏମଜିଏସୱାଇ ସାମାଜିକ-ଆର୍ଥିକ ପରିବର୍ତ୍ତନର ଏକ ପ୍ରମୁଖ ବାହକ ଭାବରେ ବିକଶିତ ହୋଇଛି, ଯାହା ବଜାର ସମନ୍ୱୟକୁ ସୁଦୃଢ଼ କରିଛି, କୃଷକମାନଙ୍କ ପାଇଁ ସୁଲଭ ମୂଲ୍ୟପ୍ରାପ୍ତିକୁ ସହଜ କରିଛି ଏବଂ କୃଷି ଓ ଅଣ-କୃଷି ଜୀବିକାକୁ ସମର୍ଥନ କରିଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି । ସାମୂହିକ ଭାବରେ ଏହି ଫଳାଫଳଗୁଡ଼ିକ ଅନ୍ତର୍ଭୁକ୍ତ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶକୁ ଆଗକୁ ବଢ଼ାଇବାରେ କାର୍ଯ୍ୟକ୍ରମର କେନ୍ଦ୍ରୀୟ ଭୂମିକାକୁ ଦର୍ଶାଉଛି । ମୁଖ୍ୟମନ୍ତ୍ରୀ ଓ କେନ୍ଦ୍ରୀୟ ମନ୍ତ୍ରୀଙ୍କ ଏହି ଗସ୍ତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନେତୃତ୍ୱରେ ଉଦ୍ୟମ ଚାଲିଛି । ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ, ଉପଜିଲ୍ଲାପାଳ ରାୟଗଡ ରମେଶ କୁମାର ଜେନା, ନିର୍ବାହୀ ଯନ୍ତ୍ରୀ ପ୍ରଶନ୍ନ କୁମାର ପଟ୍ଟନାୟକ ଓ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ରହି ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରୁଛନ୍ତି।

## ରାୟଗଡା ଠିକାଦାର ମହାସଂଘର ସମାବେଶ

ବିଷମ କଟକ,୨୯।୪ (ସମିସ):



ରାୟଗଡା ଜିଲ୍ଲା ବିଷମ କଟକ ବ୍ଲକ ଅନ୍ତର୍ଗତ କୁମ୍ଭାର ଧାମୁନି ପଞ୍ଚାୟତର ବରଡାଗୁଡା ଆମ୍ବତୋଟା ପରିସରରେ ରାୟଗଡା ଠିକାଦାର ମହାସଂଘର ମହାସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ସମାବେଶରେ ରାଜ୍ୟ ଠିକାଦାର ମହାସଂଘର ସଭାପତି ପ୍ରଭାତ ଦାଶ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ମହାସମାବେଶରେ ରାୟଗଡା ଜିଲ୍ଲାର ସମସ୍ତ ବ୍ଲକ୍‌ର ୩ ଶହରୁ ଅଧିକ ଠିକାଦାର ଯୋଗ ଦେଇଥିଲେ। ସମାବେଶରେ ବିଭିନ୍ନ ଟେଣ୍ଡର ଆହ୍ୱାନ ସମୟରେ ଜିଲ୍ଲାର ଠିକାଦାର ମାନେ ସିଡ୍ୟୁଲ୍ ଦରରେ ଟେଣ୍ଡର ପକାଇବା ଏବଂ ଜିଲ୍ଲା ଭିତରେ ବାହାରୁଥିବା କାମ ସବୁ ଜିଲ୍ଲାର ଠିକାଦାର ମାନେ ହିଁ କରିବା ନିମନ୍ତେ ନିଷ୍ପତି ହୋଇଛି। ବାହାର ଜିଲ୍ଲାର ଠିକାଦାର ମାନେ ରାୟଗଡା ଜିଲ୍ଲାର ଟେଣ୍ଡର ଗୁଡିକ ଲେସ୍ ପକାଉ ଥିବାରୁ ବର୍ତମାନ ଏହାକୁ ବିରୋଧର କରିବା ଏବଂ ବାରଣ କରିବା ନିମନ୍ତେ ନିଷ୍ପତି ହୋଇଛି। ଲେସ୍‌ରେ ଠିକା କାମ ସବୁ କରି ଠିକାଦାର ମାନେ ନିୟମିତ ବ୍ୟବଧାନରେ କ୍ଷତି ସହି ଆସୁଥିବାରୁ ଏହି ନିଷ୍ପତି ନିଆଯାଇଛି ବୋଲି ରାଜ୍ୟ ସଭାପତି ଏହି ମଞ୍ଚରେ ନିଜ ବକ୍ତବ୍ୟ ରଖିଛନ୍ତି। ମହାସମାବେଶରେ ଠିକାଦାର ସୁମନ୍ତ ପରିଡା ମଞ୍ଚ ପରିଚାଳନା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ରାଜ୍ୟ ସଂଘ ସମ୍ପାଦକ ଭାଗ୍ୟଧର ଦାଶ, ରାୟଗଡା ଜିଲ୍ଲା ସଭାପତି ସୁଶାନ୍ତ ନାୟକ,ଜିଲ୍ଲା କାର୍ଯ୍ୟକାରୀ ସଭାପତି ସତ୍ୟନାରାୟଣ ପାଢି, ବରିଷ୍ଠ ଠିକାଦାର ଅରୁଣ ଚୌଧୁରୀ, ଈଶ୍ୱର ଗୋପାଳ ଚେଟ୍ଟି, ପ୍ରଶାନ୍ତ ତ୍ରିପାଠୀ,ଅଖିଳ ଦାଶ, ରଞ୍ଜନ ପରିଡା, କେଶବ ସାହୁକାର, ଜୀବନ ସାହୁ, ମମତା ବାଘ, ସନ୍ତୋଷିନୀ ପାତ୍ର, ସଂଜୟ ଚୌଧୁରୀ, ସନିଆ ସୁବିଦ୍ଧି ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାଶିନ ହୋଇଥିଲେ। ଏ ଅବସରରେ ଯେଉଁ ଠିକାଦାରମାନେ ସିଡ୍ୟୁଲ ଦରରେ ଟେଣ୍ଡର ପାଇଛନ୍ତି, ସେମାନଙ୍କୁ ଏବଂ ଏହି ସମାବେଶ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିବା ଠିକାଦାର ମାନଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମହାସମାବେଶ ଟି ବିଷମ କଟକ ଠିକାଦାର ପିଣ୍ଟୁ ପଣ୍ଡା, ପିଙ୍କୁ ପାତ୍ର, ଅରୁଣ ନାୟକ, ଅମିତାଭ ପଟ୍ଟନାୟକ, ରମାକାନ୍ତ ପଣ୍ଡା, କୁନୁ ନାୟକ, ଟିଂଟୁ ସାହୁ ଏବଂ ଅନ୍ୟ ଠିକାଦାର ମାନେ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

## ଉତ୍କଳ ସାମ୍ବାଦିକ ସଂଘର ଦାବିପତ୍ର ପ୍ରଦାନ

ମାଲକାନଗିରି,୨୯ ।୪(ସମିସ): ଆଜି ରାଜ୍ୟ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୁତି ଭୂଷଣ କରଙ୍କ ନିର୍ଦ୍ଦେଶକ୍ରମେ ଆଜି ମାଲକାନଗିରି ଜିଲ୍ଲା ଶାଖା ପକ୍ଷରୁ ସାମ୍ବାଦିକମାନଙ୍କ ନାନା ସମସ୍ୟାର ସମାଧାନ ପାଇଁ ୬ ଦଫା ଦାବି ସମ୍ବଳିତ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ରାଜ୍ୟରେ ସାମ୍ବାଦିକମାନେ ଦୀର୍ଘଦିନ ଧରି ନାନା ପ୍ରଶାସନିକ ଓ ସାମାଜିକ ସମସ୍ୟା ସମ୍ମୁଖୀନ ହୋଇଆସୁଛନ୍ତି। ପୂର୍ବରୁ ବିରୋଧୀ ଦଳରେ ଥିବା ବିଜେପି ନେତାମାନେ ସରକାର ଗଠନ କଲେ ସାମ୍ବାଦିକଙ୍କ ନ୍ୟାୟସଙ୍ଗତ ଦାବିଗୁଡ଼ିକ ପୂରଣ କରିବେ ବୋଲି ଆଶ୍ୱାସନ ଦେଇଥିଲେ। ବର୍ତ୍ତମାନ ରାଜ୍ୟରେ ବିଜେପି ସରକାର ଗଠିତ ହେବା ପରେ ମଧ୍ୟ ସେହି ପ୍ରତିଶ୍ରୁତି ପାଳନ ହୋଇନଥିବାରୁ ସାମ୍ବାଦିକମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି। ବିଶେଷ କରି ବର୍ତ୍ତମାନର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ବିରୋଧୀ ଦଳରେ ଥିବା ସମୟରେ ସାମ୍ବାଦିକ ଆନ୍ଦୋଳନରେ ଯୋଗଦେଇ ଦାବିଗୁଡ଼ିକୁ ସମର୍ଥନ କରିଥିବା ସତ୍ତ୍ୱେ ସରକାର ଗଠନ ପରେ ଏହାର ପ୍ରତିଫଳ ଦେଖିବାକୁ ମିଳୁନାହିଁ ବୋଲି ସଂଘ ଅଭିଯୋଗ କରିଛି। ଆଜି ଜିଲ୍ଲା ଉତ୍କଳ ସାମ୍ବାଦିକ ସଂଘର ସଭାପତି ଅଶୋକ ମିଶ୍ରଙ୍କ ନେତୃତ୍ୱରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା। ଦାବିଗୁଡ଼ିକ ମଧ୍ୟରେ ଅଧିସ୍ୱୀକୃତି କମିଟିର ପୁନର୍ଗଠନ ଓ ପ୍ରଚଳିତ ଆଇନରେ ସଂଶୋଧନ କରି ଯୋଗ୍ୟ ସାମ୍ବାଦିକଙ୍କୁ ବ୍ୟାପକ ମାନ୍ୟତା, ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ୬୦ ବର୍ଷରୁ ଅଧିକ ବୟସ୍କ ସାମ୍ବାଦିକଙ୍କ ପାଇଁ ମାସିକ ଅନ୍ୟୁନ ୧୫ ହଜାର ଟଙ୍କା ପେନସନ ବ୍ୟବସ୍ଥା, ଓଡ଼ିଶା ପ୍ରେସ୍ ଏକାଡେମୀ ଗଠନ ସହ ଭୁବନେଶ୍ୱରରେ ଭବନ ନିର୍ମାଣ କରି ସାମ୍ବାଦିକଙ୍କ ପାଇଁ ସ୍ୱଳ୍ପ ମୂଲ୍ୟରେ ରହଣି ସୁବିଧା, ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ଯୋଜନାରେ ଅବସରପ୍ରାପ୍ତ ସାମ୍ବାଦିକ ଓ ପରିବାର ସଦସ୍ୟଙ୍କ ସାମିଲ ଏବଂ ମୃତ୍ୟୁକାଳୀନ ଅନୁକମ୍ପା ରାଶିକୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ଆଦି ରହିଛି। ଏହି ଦାବିପତ୍ର ପ୍ରଦାନ ସମୟରେ ସଂଘର କୋଷାଧ୍ୟକ୍ଷ ହୃଷୀକେଶ ଶେଠୀ, ଉପଦେଷ୍ଟା ବାଳକୃଷ୍ଣ ପ୍ରଧାନ, ଭଗବାନ ସାହୁ, ମନୋଜ ସାହା, ପ୍ରଦୀପ କୁମାର ମହାରଣା, ଗୌରୀଶଙ୍କର ପଣ୍ଡା, ଦିଲୀପ ପଟ୍ଟନାୟକ, ଶିବନାରାୟଣ ପାତ୍ର, ମାଣିକ ବଛାଡ଼, ରାଜେଶ ବେପାରୀ, ଦୀପଙ୍କର କୀର୍ତ୍ତନିୟା, ସୁରେନ୍ଦ୍ର ହଲବା, ଏମ୍ ଚନ୍ଦ୍ର ରାଓ, ନରତୋଷ ବାଲା ସହ ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ ସରକାରଙ୍କୁ ଯଥାଶୀଘ୍ର ଦାବିଗୁଡ଼ିକ ପୂରଣ କରିବା ସହ ସାମ୍ବାଦିକଙ୍କ ସୁରକ୍ଷା ଓ ସୁବିଧା ନିଶ୍ଚିତ କରିବାକୁ ଜୋରଦାର ଦାବି କରାଯାଇଛି।




## ଡେଙ୍ଗାଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱତନ୍ତ୍ର ଗ୍ରାମସଭା

ପାପଡାହାଣ୍ଡି,୨୯।୪, (ସମିସ): ନବରଙ୍ଗପୁର ଜିଲ୍ଲା ପାପଡାହାଣ୍ଡି ବ୍ଲକ ଡେଙ୍ଗାଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ଟୁରି ଗୁଣଥାଟ ପ୍ରକଳ୍ପରେ ଜମି ହରା ଚାଷୀମାନଙ୍କୁ ନେଇ ମଙ୍ଗଳବାର ଏକ ଗ୍ରାମସଭା ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ନବରଙ୍ଗପୁର ଉପଜିଲ୍ଲାପାଳ ପ୍ରକାଶ ମିଶ୍ର, ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ୱାଟର ରିସର୍ସ ସିନିଅର ଯନ୍ତ୍ରୀ ପଦ୍ମ ଚରଣ ବେହେରା, ଲାଣ୍ଡ ଆକ୍ୟୁଜେସନ ଅଧିକାରୀ ଚିନ୍ମୟ ନାୟକ, ବିଡିଓ କପିଳଦେବ ସାହୁ, ସରପଞ୍ଚ ସୁମିତ୍ରା ଭତରା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଟୁରି ଗୁଣଥାଟ ପ୍ରକଳ୍ପରେ ଡେଙ୍ଗାଗୁଡା ଓ ଶିରିଶି ପଞ୍ଚାୟତର ଜମିହରା ଚାଷୀ ମାନେ ଯୋଗ ଦେଇଥିଲେ। ଚାଷୀ ମାନେ ଦାବି କରିଥିଲେ ଯେ ପ୍ରକଳ୍ପର ପାଣିକୁ ସେମାନଙ୍କ ଚାଷ ଜମିରେ ବ୍ୟବହାର, ଓ ମାଛ ଚାଷ ଲାଗି ପ୍ରୋତ୍ସାହନ ଦିଆଯାଉ, ଜମି ହରାଙ୍କୁ ନୂତନ ଜମି , ଜମି ହରାଇଥିବା ଚାଷୀଙ୍କୁ ତିନି ଗୁଣ ପ୍ରାପ୍ୟ, ପାଳପୁର ଓ ଖରକି ମଧ୍ୟରେ ଥିବା ନଦୀରେ ଏକ ପୋଲ ନିର୍ମାଣ । ଏ ନେଇ ଏକ ରିଜୋଲ୍ୟୁସନ କରାଯାଇଥିଲା। ଆଗାମୀ ମେ୨ରେ ଜରୁରୀ ବୈଠକ କରାଯିବା ଲାଗି ନିଷ୍ପତି ହୋଇଥିଲା।

● ମା' ଠାକୁରାଣୀଙ୍କ ଘଣ୍ଟ ପର୍ବ

## ସାଂସ୍କୃତିକ ମଞ୍ଚରେ ଝୁମିଲେ ଅଞ୍ଚଳବାସୀ



ଅମ୍ବାଦଳା,୨୯।୪(ସମିସ): ରାୟଗଡ ଜିଲ୍ଲା ମୁନିଗୁଡା ବ୍ଲକ ଉପାନ୍ତ ଜଙ୍ଗଲ ପାହାଡ଼ ଘେରା ଅଞ୍ଚଳ ଡିମିରିଗୁଡା ଗ୍ରାମରେ ମା' ଠାକୁରାଣୀଙ୍କ ପବିତ୍ର ଘଣ୍ଟ ପର୍ବ ଆଡମ୍ବର ସହ ଆରମ୍ଭ ହୋଇଛି। ପର୍ବକୁ ନେଇ ସମଗ୍ର ଗ୍ରାମରେ ଉତ୍ସବମୁଖର ପରିବେଶ ଦେଖିବାକୁ ମିଳୁଛି। ମନ୍ଦିର ପରିସର ବିଭିନ୍ନ ତୋରଣ ଓ ଆଲୋକ ମାଳାରେ ସଜାଯାଇଥିବା ବେଳେ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଲାଗି ରହିଛି। ଶ୍ରଦ୍ଧାଳୁମାନଙ୍କ ମନୋରଞ୍ଜନ ପାଇଁ ଗ୍ରାମରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ମିନା ବଜାରର ବ୍ୟବସ୍ଥା କରାଯାଇଛି। ଏହି ମିନା ବଜାରରେ ବିଭିନ୍ନ ଖେଳନା, ଖାଦ୍ୟ ସାମଗ୍ରୀ ଓ ଘରୋଇ ପଦାର୍ଥର ଦୋକାନ ଲାଗିଥିବା ବେଳେ ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ବଡ଼ମାନେ ପର୍ଯ୍ୟନ୍ତ ସମସ୍ତେ ଏହାର ଆନନ୍ଦ ଉଠାଉଛନ୍ତି। ପର୍ବର ପ୍ରଥମ ଦିନରେ ମେଲୋଡି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମଧୁର ମେଲୋଡି ଗୀତ ଓ ଆକର୍ଷଣୀୟ ନୃତ୍ୟ ପ୍ରଦର୍ଶନରେ ଦର୍ଶକମାନେ ମନୋମୁଗ୍ଧ ହୋଇ ଝୁମିଉଠିଥିଲେ। ସ୍ଥାନୀୟ ଓ ବାହାରର କଳାକାରମାନେ ତାଙ୍କର ପ୍ରଦର୍ଶନୀ ଦ୍ୱାରା ପରିବେଶକୁ ଆହୁରି ଉତ୍ସବମୟ କରିଥିଲେ। ଏହି ଘଣ୍ଟ ପର୍ବ ନଅ ଦିନ ଧରି ଚାଲିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି। ଆଗାମୀ ଦିନଗୁଡିକରେ ଶ୍ରଦ୍ଧାଳୁମାନଙ୍କ ପାଇଁ ବିଭିନ୍ନ ନାଟକ ଓ ସାଂସ୍କୃତିକ ଅନୁଷ୍ଠାନର ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଗ୍ରାମରେ ଏହି ପର୍ବ ନେଇ ଭକ୍ତି ଓ ଆନନ୍ଦର ଚିତ୍ର ଦେଖିବାକୁ ମିଳୁଛି।

## ଏରୋନଟିକ୍ସ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ




ସୁନାବେଡ଼ା,୨୯।୪ (ସମିସ); ସୁନାବେଡ଼ା ହାଲ୍ ସହରାଞ୍ଚଳସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟର ଦୁଇଦିନିଆ ବାର୍ଷିକ ଉତ୍ସବ ଏଡିଏଭି ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ଅନସୂୟା ନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବେ ଏଚଏଏଲ୍ ଇଞ୍ଜିନ ପ୍ରଭାଗର ମହାପ୍ରବନ୍ଧକ ତଥା ଏଇଏସ୍‌ର ସଭାପତି କଲ୍ଲୋଳ ଭଟ୍ଟାଚାର୍ଯ୍ୟ ଯୋଗ ଦେଇଥିଲେ। ଅତିଥି ଭାବେ ଏଚଏଏଲ୍ ସୁଖୋଇ ପ୍ରଭାଗର ଉପ-ମହାପ୍ରବନ୍ଧକ (ଗୁଣବତ୍ତା) ତଥା ମହାବିଦ୍ୟାଳୟର ସାଧାରଣ ସମ୍ପାଦକ ଏନ୍. ରବିଶଙ୍କର ପଟ୍ଟନାୟକ, ସହକାରୀ ଉପ-ମହାପ୍ରବନ୍ଧକ (ଅର୍ଥ) ତଥା ଏଇଏସ୍‌ର କୋଷାଧ୍ୟକ୍ଷ ଅନୁଜ କୁମାର ସିଂଚୌହାନ ଏବଂ ମୁଖ୍ୟ ପରିଚାଳକ (ପ୍ରକଳ୍ପ) ତଥା ମହାବିଦ୍ୟାଳୟର ସମ୍ପାଦକ ବିଶେଶ୍ୱର ସେନାପତି ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟର କ୍ରୀଡ଼ା ସଚିବ ଡ.ସଞ୍ଜୟ ଲେଙ୍କା ବାର୍ଷିକ କ୍ରୀଡ଼ା ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତୀତ୍ୱ ହାସଲ କରିଥିବା ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାରୀଙ୍କୁ ଅତିଥିମାନେ ଟ୍ରଫି ଓ ପ୍ରମାଣପତ୍ର ଦେଇ ପୁରସ୍କୃତ କରିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ଉପାଧ୍ୟକ୍ଷ ଡ. ସଞ୍ଜୟ ପୁରୋହିତ। ମହାବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ପ୍ରାଧ୍ୟାପକ ଗୌରୀଶଙ୍କର ରଥ, ବିଶ୍ୱଜିତା ପାଢ଼ୀ, ଦିଲ୍ଲୀପ କୁମାର ସାହୁ, ଡ. ସସ୍ମିତା ମହାପାତ୍ର, ପ୍ରଜ୍ଞାଦେବହୁତି ଦାଶ, ଡ. ଚିନ୍ମୟ ମିଶ୍ର, ଚିନ୍ମୟୀ ସାହୁ, ଡ. ଶାନ୍ତନୁ କୁମାର ନାୟକ, ଶ୍ୱେତାସୁମନ ଗିରି, ଲୋପାମୁଦ୍ରା ଦ୍ୱିବେଦୀ, ରୁଚିକା ମାଣିଆ, ସତ୍ୟବ୍ରତ ସାହୁ,ମଦନ ହରିଜନ ବସ୍ତିରେ ଆଦି ସମସ୍ତ ଅଧ୍ୟାପକ ଅଧ୍ୟାପିକାଙ୍କ ସହ ମହାବିଦ୍ୟାଳୟର କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

### ଚାରାରୋପଣ କଲେ ଛାତ୍ରଛାତ୍ରୀ

# ଅର୍ଥ ହଡ଼ପ୍ ଖାଇଲା କିଏ ?



ମାଥିଲି,୨୯ ।୪(ସମିସ): ଗ୍ରାମାଞ୍ଚଳରେ ଦାଦନ ଶ୍ରମିକ ଉପରେ ଅଙ୍କୁଶ ଲଗାଇବା ପାଇଁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ମାଧ୍ୟମରେ ଗରିବ ଲୋକମାନଙ୍କ ପାଇଁ ୧୦୦ ଦିନର କାମ ଦେବା ପାଇଁ ବ୍ୟବସ୍ଥା କରିଛନ୍ତି। ଏହି ଯୋଜନା ମାଧ୍ୟମରେ ଗ୍ରାମାଞ୍ଚଳରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ତ ଚାଲୁଛି। କିନ୍ତୁ ଯେଉଁଠି ଶ୍ରମିକ ମାନେ କାମ କରିବା କଥା, ସେହି ସ୍ଥାନରେ ମେସିନ ଲଗାଇ କାର୍ଯ୍ୟ କରୁଥିବା ଅନେକ ସ୍ଥାନରୁ ବହୁ ଅଭିଯୋଗ ଚିତ୍ର ଦେଖିବାକୁ ମିଳିଛି। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ମେସିନ ସିନା କାର୍ଯ୍ୟ କରୁଛି, କିନ୍ତୁ ପଇସା ଶ୍ରମିକ ମାନଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ଗରିବ ହିତାଧିକାରୀଙ୍କ ଆକାଉଣ୍ଟରୁ କିପରି ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କ ଆକାଉଣ୍ଟକୁ ଆସିବ ସେ କାର୍ଯ୍ୟ ବେଶ କର୍ମଚାରୀ ମାନଙ୍କୁ ଜଣାଅଛି। ନିରୀହ ଆଦିବାସୀ ମାନଙ୍କର ସରଳତାର ସୁଯୋଗ ନେଇ ଅଧିକାରୀମାନେ ଅତି ଚତୁରତାର ସହିତ ଶ୍ରମିକ ମାନଙ୍କର ଆଧାର କାର୍ଡ ନମ୍ବର ଓ ଟିପ ନେଇ ବ୍ୟାଙ୍କରୁ ଶ୍ରମିକ ମାନଙ୍କ ଅର୍ଥ ଉଠେଇ ନେଇ ଯାଉଥିବା ଅଭିଯୋଗ ହୋଇଛି। ଏପରି କାର୍ଯ୍ୟକୁ ସଠିକ ରୂପାୟନ ଦେବାକୁ କିଛି ଅସାଧୁ ଅଧିକାରୀ ଓ କର୍ମଚାରୀ ମାନେ ମିଳିତ ଭାବରେ ଗରିବ ଲୋକମାନଙ୍କ ନାମରେ ଜବ୍‌କାର୍ଡ କରି ଏପରି କଳା କାରନାମା କରିବାରେ ସକ୍ଷମ ହେଉଛନ୍ତି। ଅନେକ ସ୍ଥାନରେ ଲକ୍ଷ ଲକ୍ଷ ଟଙ୍କାର ଫଳକ ତ ଲାଗିଛି। କିନ୍ତୁ ମାତ୍ର ଅଳ୍ପ କିଛି କାର୍ଯ୍ୟ କରି ସମସ୍ତ ଅର୍ଥ ହଡ଼ପ କରିବାରେ ସଫଳ ହୋଇଛନ୍ତି ବିଭାଗୀୟ ଅଧିକାରୀ ଓ କର୍ମଚାରୀ। ବିଡମ୍ବନାର ବିଷୟ ଯେ ଉପରିସ୍ଥ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ନ କରି ଶୀତ ତାପ ନିୟନ୍ତ୍ରଣ କାର୍ଯ୍ୟାଳୟରେ ବସି ଖାଲି ଫଟୋ ଦେଖି ଅର୍ଥ ମଞ୍ଜୁର କରି ଦିଅନ୍ତି। ଯଦି ଉପରିସ୍ଥ ଅଧିକାରୀ ମାନେ କ୍ଷେତ୍ର ପରିଦର୍ଶନ କରିଥାନ୍ତେ, ତାହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସନ୍ତା । ସେହିପରି ଏକ ଚିତ୍ର ଦେଖିବାକୁ ମିଳିଛି ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ। କିଛି ଦିନ ପୂର୍ବରୁ ବ୍ଲକର ଚେଡେଙ୍ଗା ପଞ୍ଚାୟତରେ କିପରି ମୋ ପୋଖରୀ ନାମରେ ମହାଦୁର୍ନୀତିର ଖବର ଅନେକ ଗଣମାଧ୍ୟମରେ ପ୍ରକାଶ ପାଇଥିଲା। ସେହିପରି ଏବେ ବ୍ଲକର ଦଳପତି ଗୁଡା ପଞ୍ଚାୟତରେ ଚାରାରୋପଣ ନାମରେ ଲକ୍ଷ ଲକ୍ଷ ଟଙ୍କା ଆତ୍ମସାତ ଅଭିଯୋଗ ଆସିଛି। ଗତ ୨୦୨୫ ମସିହା ସେପ୍ଟେମ୍ବର ମାସ ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନର ଶୁଭେଚ୍ଛା ଜଣାଇବା ପାଇଁ ପ୍ରତ୍ୟେକ ସରକାରୀ ବେସରକାରୀ ଓ ଛାତ୍ରଛାତ୍ରୀ ମାନେ ଏକ ପେଡ ମା'କେ ନାମରେ ଲଗେଇବେ। କାର୍ଯ୍ୟକ୍ରମରେ ରାଜ୍ୟରେ ସମସ୍ତ ସରକାରୀ, ବେସରକାରୀ ଓ ବିଦ୍ୟାଳୟର ଛାତ୍ରଛାତ୍ରୀ ନିଜ ନିଜ ବିଦ୍ୟାଳୟ ମାନଙ୍କରେ ଚାରାରୋପଣ କରିଥିଲେ। କିନ୍ତୁ ମାଥିଲି ବ୍ଲକ ଦଳପତିଗୁଡା ପଞ୍ଚାୟତ ସଦର ଗ୍ରାମରେ ଥିବା ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ମଧ୍ୟ ଛାତ୍ରଛାତ୍ରୀ ମାନେ ଚାରାରୋପଣ କାର୍ଯ୍ୟକ୍ରମ କରିଥିଲେ। ପ୍ରଶ୍ନ ଉଠୁଛି ଯେ ବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ ମାନେ ଚାରାରୋପଣ କରିଥିଲେ। ବିଦ୍ୟାଳୟ ପରିସରରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାର ଏକ ନାମ ଫଳକ ଲାଗିଛି। ଯେଉଁଥିରେ ଉଲ୍ଲେଖ କରାଯାଇଛି ଯେ କାର୍ଯ୍ୟର ନାମ 'ଏକ ପେଡ ମା' କେ ନାମ'ରେ ୫ଶହ ଚାରା ରୋପଣ କରାଯାଇଛି।୨୦୨୫-୨୬ ଆର୍ଥିକ ବର୍ଷର କାର୍ଯ୍ୟର କୋର୍ଡ ନମ୍ବର- ୨୪୩୧୦୦୮୦୦୬/ ଡିପି/୧୦୯୦୭୭୦୩। ଅଟକଳ ମୂଲ୍ୟ ୩ ଲକ୍ଷ ୨୧ ହଜାର। କାର୍ଯ୍ୟ ଆରମ୍ଭ ୧୭ ସେପ୍ଟେମ୍ବର ମାନେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମ ଦିନ ଠାରୁ। ସେଥିରେ ଅଣକୁଶଳି ଶ୍ରମିକ ଦୈନିକ ମଜୁରୀ ୨୭୩ ଟଙ୍କା ହିସାବରେ ୨ଲକ୍ଷ ୫୪ହଜାର ୯୧୫ଟଙ୍କା ଦର୍ଶା ଯାଇଥିବା ବେଳେ ୯୮ହଜାର ୮୭ଟଙ୍କା ର ସାମଗ୍ରୀ ବ୍ୟବହାର କରାଯାଇଛି। ବିଦ୍ୟାଳୟ ପରିସରରେ ମାତ୍ର ୧୦୦ଟି ଭିତରେ ଚାରାରୋପଣ କରାଯାଇଛି। ଛାତ୍ରଛାତ୍ରୀ ମାନେ ଗାତ ଖୋଳି ଚାରାରୋପଣ କରିଛନ୍ତି। ବାକି ଗଛ ଓ ଖର୍ଚ୍ଚ ହୋଇଥିବା ଅର୍ଥ କୁଆଡେ ଗଲା ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏବିଷୟରେ ଆମେ ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁଭେନ୍ଦୁ ପଣ୍ଡାଙ୍କୁ ପଚାରିବାରୁ ଆମ ବିଦ୍ୟାଳୟରେ ଯେତିକି ଚାରାରୋପଣ ହୋଇଛି ଆମର ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଲାଗେଇଛୁ। ବାକି ନାମଫଳକ ବ୍ଲକ ତରଫରୁ ଲାଗେଇଛନ୍ତି । ସେ ଫଳକ ବିଷୟରେ କିଛି କହି ପାରିବି ନାହିଁ ବୋଲି ଆମକୁ କହିଥିଲେ। ବିଭାଗୀୟ ଅଧିକାରୀ ଲିଙ୍ଗରାଜ କରକରିଆଙ୍କୁ ଫୋନ ଯୋଗେ ଯୋଗାଯୋଗ କରିବାରୁ ଆମର ଫୋନ ଗ୍ରହଣ କରିନଥିଲେ। ମାଥିଲି ଗୋଷ୍ଠୀ ଉନ୍ନୟନ ଅଧିକାରୀ ଏମ.ପ୍ରମୋଦ କୁମାର ବେହେରାଙ୍କ ସହିତ ଯୋଗାଯୋଗ କରିବାରୁ ସେହି ନାମଫଳକ ଗୋଟିଏ ୟୁନିଟର । ସେହି ନାମଟି ସର୍ବ ସାଧାରଣ ଙ୍କ ନଜର ପଡୁଥିବା ସ୍ଥାନରେ ନିର୍ମାଣ ହେବା କଥା । କିନ୍ତୁ ବିଦ୍ୟାଳୟ ପରିସରରେ ନାମ ଫଳକ ନିର୍ମାଣ କରିବା ଠିକ ନୁହେଁ। ତଥାପି କାହିଁକି ଓ କିପରି ବିଦ୍ୟାଳୟ ପରିସରରେ ନାମଫଳକ ନିର୍ମାଣ ହୋଇଛି, ପଚାରି ବୁଝୁଛି ବୋଲି ଆମକୁ କହିଥିଲେ। ଯଦି ସେହି ପଞ୍ଚାୟତର ବିଭିନ୍ନ ଗ୍ରାମ ତଥା ରାସ୍ତା କଡରେ ଚାରାରୋପଣ କରାଯାଇଛି, ତାହେଲେ ନାମ ଫଳକ ଟି ସର୍ବ ସାଧାରଣଙ୍କ ନଜର ପଡୁଥିବା ସ୍ଥାନରେ ନିର୍ମାଣ କାର୍ଯ୍ୟ ନକରି ବିଦ୍ୟାଳୟ ପରିସରରେ କାହିଁକି ନିର୍ମାଣ ହୋଇଛି। ତାହାର ତଦନ୍ତ ହେଲେ ପ୍ରକୃତ ସତ୍ୟ ସାମ୍ନାକୁ ଆସିବ ବୋଲି ସାଧାରଣରେ ଦାବି ହୋଇଛି। ଜିଲ୍ଲା ପ୍ରଶାସନ ତରଫରୁ ଏହାକୁ ଗୁରୁତର ସହ ନେଇ ଉଚ୍ଚ ସ୍ତରୀୟ ତଦନ୍ତ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

## ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ମଧୁବାବୁ ଜୟନ୍ତୀ



ମାଲକାନଗିରି, ୨୯ ।୪(ସମିସ): ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ସଭାପତି ବାଲା ରାଜୁ ପାଢ଼ିଙ୍କ ଅଧ୍ୟକ୍ଷତାରେ ସମ୍ପନ୍ନ ହୋଇଯାଇଛି। ଏହି ଆଲୋଚନାଚକ୍ରରେ ମୁଖ୍ୟବକ୍ତା ଭାବେ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ଯୋଗଦେଇ ୧୯୦୩ରେ ଓଡ଼ିଶାର ଭୌଗଳିକ ଅବସ୍ଥା ଓ ମଧୁବାବୁଙ୍କ ବାଲ୍ୟ ଓ ରାଜନୈତିକ ଜୀବନର କେତେକ ଅନାଲୋଚିତ ରହସ୍ୟ ଉନ୍ମୋଚନ କରିଥିଲେ। ସେହିପରି ଉପ ସଭାପତି ସୁରେନ୍ଦ୍ର କୁମାର ମଲ୍ଲିକ, ସଂପାଦକ ଅଶୋକ ସାମଲ ସଂକ୍ଷିପ୍ତ ଜୀବନୀ ଆଲୋଚନା କରିଥିଲେ। "ଅନ୍ୟମାନଙ୍କ ମଧ୍ୟରେ ଜଗନ୍ନାଥ ତିଆଡ଼ି, ଅଭିମନ୍ୟୁ ବେହେରା, ବିଚିତ୍ରାନନ୍ଦ ରାଉତ, କେ. ଶିବଶଙ୍କର ପାତ୍ର, ଲିଙ୍ଗରାଜ ସେନାପତି, ଲଡୁକିଶୋର ପଣ୍ଡା, ଗିରି ଧାରୀ ପାଣିଗ୍ରାହୀ, ନବକୁମାର ସାହୁ, କାଳୁଚରଣ ମହାରଣା ଓ ଏସ୍. ବୀରାସ୍ୱାମୀ ପ୍ରମୁଖ ଉପସ୍ଥିତ ଥିଲେ।

## ଉତ୍କଳ ସାଂସ୍କୃତିକ ପରିଷଦର ମଧୁବାବୁଙ୍କ ଜୟନ୍ତୀ



ସୁନାବେଡା, ୨୯।୪(ସମିସ): ସୁନାବେଡା ମିଗ୍ ନଗରୀ ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦ ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ପରିଷଦର ଉପ ସଭାପତି ମନୋଜ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ବିଶିଷ୍ଟ ସାହିତ୍ୟିକା ଡ. ବିଦ୍ୟୁତପ୍ରଭା ରଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଓଡ଼ିଆ ଅସ୍ମିତା ଓ ସ୍ୱାଭିମାନର ମୂର୍ତ୍ତିମନ୍ତ ପ୍ରତୀକ ମଧୁବାବୁଙ୍କ ସଂଘର୍ଷପୂର୍ଣ୍ଣ ଜୀବନୀ, ଅତୁଳନୀୟ ତ୍ୟାଗ ଓ ସଫଳତା ସମ୍ପର୍କରେ ଆଲୋଚନା କରିବା ସହ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରିବାରେ ତାଙ୍କର ଦୂରଦୃଷ୍ଟି ସାରା ବିଶ୍ୱରେ ଓଡ଼ିଆ ଜାତିର ସ୍ୱାଭିମାନକୁ ପ୍ରତିଷ୍ଠିତ କରିପାରିଛି ବୋଲି ଡ. ବିଦ୍ୟୁତ ପ୍ରଭା ରଥ ଉଲ୍ଲେଖ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପରିଷଦର ଉପଦେଷ୍ଟା ମଣ୍ଡଳୀର ସଦସ୍ୟ ପ୍ରତାପ ଚନ୍ଦ୍ର ପାତ୍ର, ରାଧାଶ୍ୟାମ ଦାସ, ଶେଖ ଇବ୍ରାହିମ, କମଳାକାନ୍ତ ବିଶୋଇ, ଆନନ୍ଦ ମୌଳି ପଟ୍ଟନାୟକ, ବରିଷ୍ଠ କର୍ମକର୍ତ୍ତା ମାନସ କୁମାର ଦାସ, ପ୍ରଶାନ୍ତ କୁମାର ସ୍ୱାଇଁ, ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ରହି ମଧୁବାବୁଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରିଷଦର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ମିଶ୍ର କାର୍ଯ୍ୟକ୍ରମ ସଞ୍ଚାଳନ କରିଥିବା ବେଳେ ରମାକାନ୍ତ କଲିଆ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଶରତ ଚନ୍ଦ୍ର ବେହୁରା, ପ୍ରକାଶ ଚନ୍ଦ୍ର ହୋତା , ସୁଧାଂଶୁ ରାୟ, ରଞ୍ଜନ କୁମାର ମିଶ୍ର, ସୁଧନ୍ୟା ବାଗ, ସଂଗ୍ରାମ ସାମଲ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରି ଥିଲେ।

### କାର୍ ଧକ୍କାରେ ବୁଲେଟ୍ ଚାଳକଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ଏନ୍‌ଏଚ୍ ଅବରୋଧ





ସୁନାବେଡା,୨୯।୪ (ସମିସ): ଦୁର୍ଘଟଣାରେ ମୃତ୍ୟୁବରଣ କରିଥିବା କାକିଗାଁ ନିବାସୀ ଯୁଧିଷ୍ଠିରଙ୍କ(୪୨) ପରିବାରକୁ ନ୍ୟାୟ ଦେବା ସହ କ୍ଷତିପୂରଣ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ନିଜର ଦାବି ହାସଲ ପାଇଁ ସୁନାବେଡ଼ା ଥାନା ନିକଟ ୨୬ ନଂ ଜାତୀୟ ରାଜପଥ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି। ସୂଚନାଯୋଗ୍ୟ ରବିବାର କୋରାପୁଟରୁ ଫେରିବା ସମୟରେ ସୁନାବେଡା ମହିଳା ମହାବିଦ୍ୟାଳୟ ଛକ ନିକଟରେ ଯୁଧିଷ୍ଠିର କଣ୍ଡା ନିଜ ସ୍ତ୍ରୀଙ୍କ ସହ ଘରକୁ ବୁଲେଟରେ ଫେରୁଥିବା ବେଳେ ଗୋଟିଏ ଧଳା କାର ସହ ଧକ୍କା ହୋଇଥିଲା। ଗୁରୁତର ଭାବରେ ଆହତ ହୋଇଥିବା ଯୁଧିଷ୍ଠିରଙ୍କୁ ପ୍ରଥମେ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ହସ୍ପିଟାଲ ଓ ପରେ ବିଶାଖାପାଟଣା ଓ ଭୁବନେଶ୍ୱରକୁ ସ୍ଥାନାନ୍ତର ହୋଇଥିଲେ। ବୁଧବାର ସକାଳେ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରରେ ତାଙ୍କର ମୃତ୍ୟୁ ଘଟିଛି। ଯୁଧିଷ୍ଠିରଙ୍କ ମୃତ୍ୟୁ ଖବର ପାଇବା ପରେ ସ୍ଥାନୀୟ ସୁନାବେଡ଼ା ଅଞ୍ଚଳରେ ଉତ୍ତେଜନା ଦେଖା ଦେଇଛି। ସୁନାବେଡ଼ା ସ୍ଥିତ ପାନ୍‌ଠିଥକା ଓ ସୁନାବେଡ଼ା ଥାନା ନିକଟରେ ୨୬ ନଂ ଜାତୀୟ ରାଜପଥ ଉପରେ ଟାୟାର ଜାଳି ରାସ୍ତା ଅବରୋଧ କରିଛନ୍ତି ସ୍ଥାନୀୟବାସିନ୍ଦା। ଦୁର୍ଘଟଣା ଘଟାଇଥିବା କାର ଠାବ କରିବା ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଏବଂ ନ୍ୟାୟ ଦେବାକୁ ଦାବି କରିଛନ୍ତି ସ୍ଥାନୀୟ ବାସିନ୍ଦା। ଅନ୍ୟପଟେ ୨୬ ନଂ ଜାତୀୟ ରାଜପଥ ଉଭୟ ପାଶ୍ୱର୍ରେ ଶତାଧିକ ଛୋଟବଡ଼ ଗାଡ଼ି ଅଟକି ରହିଥିଲା। ଘଟଣା ସ୍ଥଳରେ ସୁନାବେଡା ଏସଡିପିଓ, ସୁମିତ୍ରା ଜେନା , ସୁନାବେଡ଼ା ଥାନା ଅଧିକାରୀ ସୁଷମା କୁଅଁର, ସେମିଳିଗୁଡା ଆଇଆଇସି, ଅନୀତା କୁଜୁର ପହଞ୍ଚି ଆନ୍ଦୋଳନକାରୀଙ୍କୁ ଦୀର୍ଘ ସମୟ ବୁଝାସୁଝା କରିଥିଲେ। ଏତଦ୍ ବ୍ୟତୀତ ମୃତଙ୍କ ପରିବାରଙ୍କୁ ଜିଲ୍ଲା ରେଡକ୍ରସ ତରଫରୁ ୧୫ ହଜାର ଟଙ୍କାର ଅନୁଦାନ ପ୍ରଦାନ କରିବା ସହ ସମ୍ପୃକ୍ତ କାର ଓ ଦୋଷୀଙ୍କୁ ଠାବ କରି ଦଣ୍ଡିତ କରିବେ ବୋଲି ଆଶ୍ୱାସନା ଦେବା ପରେ ଅପରାହ୍ନ ୪ଟାରେ ରାଜପଥ ଅବରୋଧ ହଟିଥିଲା।

## ଚିତ୍ରକୋଣ୍ଡା ପୁଲିସର ଗାଡ଼ି ମୋଟର ଯାଞ୍ଚ

ଚିତ୍ରକୋଣ୍ଡା,୨୯।୪ (ସମିସ): ବେପାରୁଆ ଗାଡ଼ି ଚାଳନା ଓ ମଦ୍ୟପାନ କରି ଗାଡି ଚଲେଇବା କାରଣରୁ ପ୍ରତିଦିନ ଦୁର୍ଘଟଣା ଘଟୁଥିବା ଦେଖିବାକୁ ମିଳୁଛି। ଏହିପରି ଦୁର୍ଘଟଣା ରୋକିବା ପାଇଁ ଚିତ୍ରକୋଣ୍ଡା ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ କରାଯିବା ସହ ସଚେତନତା ମଧ୍ୟ କରାଯାଉଛି। ଚିତ୍ରକୋଣ୍ଡା ଥାନା ଅଧିକାରୀ ଜୟନାରାୟଣ ଖଣ୍ଡେଇ ନିଜେ ଉପସ୍ଥିତ ରହି ଗାଡ଼ି ମୋଟର ଯାଞ୍ଚ କରିବା ସହ ଲୋକଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଛି। କିଛିଦିନ ପୂର୍ବରୁ ମାଲ ପରିବହନ କରୁଥିବା ଗାଡ଼ି ଲୋକଙ୍କୁ ନେଇ ଯାଉଥିବା ବେଳେ ଗାଡି ଦୁର୍ଘଟଣାରେ ତିନି ଜଣଙ୍କ ଜୀବନ ଚାଲିଯିବା ପରେ ପରିବହନ ବିଭାଗ ପକ୍ଷରୁ ମାଲ ପରିବହନ କରୁଥିବା ଗାଡ଼ି ଗୁଡ଼ିକ



କଡ଼ାକଡ଼ି ଭାବରେ ଯାଞ୍ଚ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ସେହି କ୍ରମରେ ଆଜି ଚିତ୍ରକୋଣ୍ଡା ପୋଲିସ ପକ୍ଷରୁ ଗାଡ଼ି ମୋଟର ଯାଞ୍ଚ ବେଳେ ଗୋଟିଏ ମାକ୍ସ ପିକଅପ୍ ଗାଡ଼ି ୧୯ ଜଣ ଲୋକଙ୍କୁ ନେଇ ଯାଉଥିବା ବେଳେ ଧରା ପଡ଼ିଥିଲା। ଚିତ୍ରକୋଣ୍ଡା ପୁଲିସ ପକ୍ଷରୁ ମାଲକାନଗିରି ଅର୍ଟିଓଙ୍କୁ ଅବଗତି କରିବା ସହ ସେହି ମ୍ୟାକ୍ସ ପିକଅପ ଗାଡ଼ିକୁ ୫୦୦୦ ଟଙ୍କା ଜୋରିମନା କରାଯାଇଥିବା ଚିତ୍ରକୋଣ୍ଡା ପୁଲିସ ପକ୍ଷରୁ ସୂଚନା ମିଳିଛି। ଏହାସହ ମଦ୍ୟପାନ କରି ଗାଡ଼ି ଚଳାଉଥିବା ଅଭିଯୋଗରେ ଦୁଇଟି ମୋଟର ସାଇକଲ୍ ଜବତ କରାଯାଇଛି।

## ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ




ରାୟଗଡ, ୨୯।୪ (ସମିସ) : ରାୟଗଡ ସ୍ୱୟଂଶାସିତ ମହାବିଦ୍ୟାଳୟର ଗୋଲ୍ଡେନ୍ ଜୁବିଲି ସମ୍ମିଳନୀ କକ୍ଷରେ 'ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ: ଦୈନନ୍ଦିନ ଜୀବନରେ ପରିସ୍ଥିତିଜ୍ଞାନ' ଶୀର୍ଷକ ଏକ ସଚେତନତାମୂଳକ କାର୍ଯ୍ୟକ୍ରମ ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍ ଦ୍ୱାରା ଆୟୋଜିତ ହୋଇଯାଇଛି। ଅଧକ୍ଷା ଡ. ସରସ୍ୱତୀ ରାୟଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଏସ୍‌ଡିପିଓ ଗୌରହରି ସାହୁ ଓ ସମାଜସେବୀ ବାଦଲ ତାହଙ୍କୁ ଅଧକ୍ଷା ଡ. ରାୟ ପୁଷ୍ପଗୁଚ୍ଛ ଓ ଚାରା ଗଛ ପ୍ରଦାନ କରି ସମ୍ମାନିତ କରିଥିଲେ। ଶକ୍ତିଶ୍ରୀ ସଂଯୋଜିକା ଡା. ଲିଜା ରାଣୀ ଶତପଥୀ ସ୍ୱାଗତ ଓ ପ୍ରାରମ୍ଭିକ ଉଦବୋଧନ ରଖି ଶକ୍ତିଶ୍ରୀ ସଶକ୍ତିକରଣ ସେଲ୍‌ର କାର୍ଯ୍ୟପଦ୍ଧତି ଓ ଉଚ୍ଚଶିକ୍ଷା ବିଭାଗର ନିୟମାବଳୀ ବିଷୟରେ ଆଲୋକପାତ କରିଥିଲେ। ଅଧକ୍ଷା ଡ.ସରସ୍ୱତୀ ରାୟ ତାଙ୍କ ଅଭିଭାଷଣରେ କହିଥିଲେ ଯେ ଆଜିର ସମାଜରେ ସଚେତନତା ଓ ସୁରକ୍ଷା ବିଷୟରେ ଜ୍ଞାନ ଅତ୍ୟନ୍ତ ଆବଶ୍ୟକ। ପରିସ୍ଥିତିଜ୍ଞାନ ଥିଲେ ବ୍ୟକ୍ତି ନିଜକୁ ବିଭିନ୍ନ ବିପଦରୁ ସୁରକ୍ଷିତ ରଖିପାରେ। ସେ ଛାତ୍ରଛାତ୍ରୀମାନଙ୍କୁ ସଦା ସତର୍କ ଓ ସଚେତନ ରହିବାକୁ ଆହ୍ୱାନ କରିଥିଲେ ଏବଂ ଦୈନନ୍ଦିନ ଜୀବନରେ ଠିକ୍ ସମୟରେ ସଠିକ୍ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଡିଏସ୍‌ପି ଶ୍ରୀ ସାହୁ "କିଛି ହବ କି' ଭିଡିଓ ପ୍ରଦର୍ଶନ କରି କାର୍ଯ୍ୟକ୍ରମକୁ ସଚେତନତାମୂଳକ ଓ ଉତ୍ସାହିତ କରିଥିଲେ। ସେ ପୋକ୍ସୋ ଆଇନ, ବାଲ୍ୟବିବାହ, କାର୍ଯ୍ୟସ୍ଥଳରେ ଯୌନ ଉତ୍ପୀଡନ, ଭଲ ଓ ଖରାପ ସ୍ପର୍ଶ ଇତ୍ୟାଦି ବିଷୟରେ ସବିଶେଷ ଆଲୋଚନା କରିଥିଲେ ଏବଂ ବିଭିନ୍ନ ପରିସ୍ଥିତିରେ ସଠିକ୍ ସିଦ୍ଧାନ୍ତ ନେବାର ପ୍ରୟୋଜନୀୟତା ଉପରେ ବ୍ୟାଖ୍ୟା କରିଥିଲେ। ଡା. ସରସ୍ୱତୀ ରାୟ, ଲେଫ୍ଟେନାଣ୍ଟ ଉଦୟ ନାୟକ, ଡା. ଅଜୟ ରଇତ ଓ ଡ଼ା. ଲିଜା ରାଣୀ ସତପଥୀ ବସ୍/ଟ୍ରେନ୍ ସୁରକ୍ଷା, ରାସ୍ତା ସୁରକ୍ଷା, ଶ୍ରେଣୀକକ୍ଷ ସୁରକ୍ଷା ଇତ୍ୟାଦି ନେଇ ମୂଲ୍ୟବାନ ମତ ରଖିଥିଲେ। କାର୍ଯ୍ୟକ୍ରମରେ ପ୍ରାୟ ୧୨୦ ଜଣ ଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଅଧ୍ୟାପକ ହେମନ୍ତ ସ୍ୱାଇଁ, ସାଗରିକା , ଅଭିମନ୍ୟୁ , ମିର୍ଜା ଖସିମ୍ ବିଗ୍, ପ୍ରତିମା ପତିଙ୍କ ସହ ଅନ୍ୟାନ୍ୟ ଅନ୍ୟାନ୍ୟ ଅଧ୍ୟାପକ ଅଧ୍ୟାପିକା ଉପସ୍ଥିତ ଥିଲେ। ଶକ୍ତିଶ୍ରୀ ସାଥୀ ରାଧାରାଣୀ ଓ ଅନ୍ୟାନ୍ୟ ସଭ୍ୟା ବିଷ୍ଣୁପ୍ରିୟା, ଗୀତାଞ୍ଜଳି, ବର୍ଷା କାର୍ଯ୍ୟକ୍ରମକୁ ସଫଳ କରିବାରେ ଉଲ୍ଲେଖନୀୟ ଭୂମିକା ନେଇଥିଲେ।

## ଜଙ୍ଗଲ ଅଧିକାର, ପେସା ଆଇନ ସଚେତନତା ଅଭିଯାନ

କୋରୁକୋଣ୍ଡା, ୨୯।୪(ସମିସ):ମାଲକାନଗିରି ଜିଲ୍ଲାରେ ଜଙ୍ଗଲ ଅଧିକାର ଓ ପାରମ୍ପରିକ ଅଧିକାର ସମ୍ବନ୍ଧୀୟ ସଚେତନତା ବୃଦ୍ଧି ପାଇଁ ବିଶେଷ ଅଭିଯାନର ଶୁଭାରମ୍ଭ ହୋଇଛି। ସିଏସଡି ଓଡ଼ିଶା ଓ ପାରମ୍ପରିକ ଗ୍ରାମସଭା ସମୂହ ମାଲକାନଗିରିଙ୍କ ଯୁକ୍ତ ଉଦ୍ୟମରେ ଏହି କାର୍ଯ୍ୟକ୍ରମ ଚାଲିଛି। ଏହି ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ପେଶା ଆଇନ ଅନୁଯାୟୀ ଆଦିବାସୀ ଓ ପାରମ୍ପରିକ ବନବାସୀମାନଙ୍କ ଅଧିକାର ବିଷୟରେ ସଚେତନତା ସୃଷ୍ଟି କରିବା। ଜଳ, ଜମି ଓ ଜଙ୍ଗଲ ଉପରେ ନିର୍ଭର କରି ବଞ୍ଚିଥିବା ଲୋକମାନଙ୍କ ପାଖକୁ ସିଧାସଳଖ ପହଁଚି ସେମାନଙ୍କୁ ତାଙ୍କର ଆଇନଗତ ଅଧିକାର ବିଷୟରେ ଜଣାଇବାକୁ ଏହି ପ୍ରଚେଷ୍ଟା ନିଆଯାଇଛି। ଏହି ଅଭିଯାନଟି କୋରୁକୋଣ୍ଡା ବ୍ଲକ୍ ଅନ୍ତର୍ଗତ ଡୁଡାମେଟା ଗ୍ରାମପଞ୍ଚାୟତର ଚେରୀଗୁଡା ଗ୍ରାମରୁ ଗତ ୨୭ ଏପ୍ରିଲ ୨୦୨୬ ଠାରୁ ଆରମ୍ଭ ହୋଇଛି। ପରବର୍ତ୍ତୀ ଦିନମାନେ ଏହାକୁ ଜିଲ୍ଲାର ସମସ୍ତ ବ୍ଲକରେ ବିସ୍ତାର କରାଯିବ ବୋଲି ସୂଚନା ମିଳିଛି। ଏହି ସଚେତନତା କାର୍ଯ୍ୟକ୍ରମରେ ପାରମ୍ପରିକ ଗ୍ରାମସଭା ସମୂହର ଜିଲ୍ଲା ଆବାହକ ଭୀଷ୍ମ ପାଙ୍ଗି , ସିଏସଡି ଓଡିଶା ସଭ୍ୟ ଶ୍ରୀଚରଣ ବେହେରାଙ୍କ ସହିତ ଇଶ୍ୱର ପାଙ୍ଗି, ବିକାଶ ପଡିଆମି, ଇର୍ମା ମାଡ଼କାମୀ, ଲାକୁ ହନ୍ତାଳ, ରେଲି ଖିଲ, ମୋହନଦାସ ମାଡ଼କାମୀ, ରୁପା ପାଙ୍ଗି, କରଞ୍ଜି ସୀସା, ମନ ଗୋଲରୀ, ବୁଦୁରା ମାଡି ଓ ଡମ୍ବ ମୁଦୁଲି ମୁଖ୍ୟ ଭାବେ ସହଯୋଗ କରୁଛନ୍ତି। ସ୍ଥାନୀୟ ଲୋକମାନେ ଏହି ଅଭିଯାନକୁ ସ୍ୱାଗତ କରିଥିବା ବେଳେ ଏହା ଆଦିବାସୀ ଓ ବନବାସୀମାନଙ୍କ ଅଧିକାର ସୁରକ୍ଷାରେ ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କୁହାଯାଉଛି।

## ଗ୍ରାମସଭା ଟିମ୍ ଉଦ୍ୟମରେ ଯାତାୟତ ସ୍ୱାଭାବିକ



କୋରୁକୋଣ୍ଡା, ୨୯। ୪ (ସମିସ): କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ନାକାମାମୁଡି ଗ୍ରାମ ପଞ୍ଚାୟତର ପିପିଲାପଦର ଓ ତେନ୍ତୁଳିପଦର ମଧ୍ୟରାସ୍ତାରେ ଜଙ୍ଗଲ ନିଆଁର ପ୍ରଭାବରେ ଗୋଟାଏ ଗଛର ମୂଳ ପୋଡି ଯାଇଥିଲା। ଏହାର ପରିଣାମସ୍ୱରୂପ କିଛି ଗଛ ରାସ୍ତା ଉପରେ ପଡ଼ିଯାଇ ଯାତାୟାତକୁ ସମ୍ପୂର୍ଣ୍ଣ ଭାବେ ବାଧାଗ୍ରସ୍ତ କରିଥିଲା। ଏହି ପରିସ୍ଥିତିରେ ସ୍ଥାନୀୟ ଲୋକମାନଙ୍କ ଯାତାୟାତରେ ସମସ୍ୟା ଉପୁଜିଥିଲା ଏବଂ ଦୈନିକ କାର୍ଯ୍ୟକଳାପରେ ବ୍ୟାପକ ପ୍ରଭାବ ପଡ଼ିଥିଲା। ତେବେ ଏହି ସମସ୍ୟାକୁ ଦୂର କରିବା ପାଇଁ ମାଲକାନଗିରି ଜିଲ୍ଲାର ପାରମ୍ପରିକ ଗ୍ରାମସଭା ଟିମ ସଦସ୍ୟମାନେ ଏକତ୍ରିତ ହୋଇ ସ୍ୱଇଚ୍ଛାରେ ଉଦ୍ୟମ ଆରମ୍ଭ କରିଥିଲେ। ସାମୂହିକ ପ୍ରୟାସରେ ସେମାନେ ରାସ୍ତା ଉପରେ ପଡ଼ିଥିବା ଗଛଗୁଡ଼ିକୁ ବାହାର କରିଦେଇଥିଲେ। ଯାହାଫଳରେ ପୁନର୍ବାର ଯାତାୟାତ ସଚଳ ହୋଇପାରିଥିଲା। ସ୍ଥାନୀୟ ଅଞ୍ଚଳରେ ଏହି ପ୍ରୟାସକୁ ନେଇ ପ୍ରଶଂସାର ଲହରି ଦେଖାଯାଇଛି। ଗ୍ରାମବାସୀମାନେ କହିଛନ୍ତି ଯେ, ସମୟୋପଯୋଗୀ ଏବଂ ସାମୂହିକ ଉଦ୍ୟମ ଦ୍ୱାରା ଏପରି ସମସ୍ୟାକୁ ସହଜରେ ମୁକାବିଲା କରିହେବ।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନାଗ ସାପ ଆତଙ୍କ



ମାଲକାନଗିରି, ୨୯।୪(ସମିସ): ମାଲକାନଗିରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଏକ ନାଗ ସାପ ପସିଯାଇଥିବା ବେଳେ ରୋଗୀ ଓ କର୍ମଚାରୀମାନଙ୍କ ମଧ୍ୟରେ ଭୟର ପରିବେଶ ସୃଷ୍ଟି ହୋଇଥିଲା। ସୂଚନା ଅନୁଯାୟୀ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ତଳ ମହଲାରେ ଥିବା ପୂଜା କକ୍ଷରେ ହଠାତ୍ ଏକ ବଡ଼ ନାଗ ସାପ ଦେଖାଯିବାରୁ ସେଠାରେ ଥିବା ରୋଗୀ ଓ ତାଙ୍କ ପରିଜନ ମାନେ ଭୟଭୀତ ହୋଇ ପଡ଼ିଥିଲେ। କିଛି ସମୟ ପାଇଁ ସମଗ୍ର ପରିସରରେ ଅସ୍ଥିରତା ସୃଷ୍ଟି ହୋଇଥିଲା ଓ ଲୋକମାନେ ଆତଙ୍କରେ ସେଠାରୁ ଦୂରେଇବାକୁ ଲାଗିଥିଲେ। ଏହି ପରିସ୍ଥିତିରେ ତୁରନ୍ତ ସଚେତନତା ଦେଖାଇଥିଲେ ଚିକିତ୍ସାଳୟର ସୁରକ୍ଷା କର୍ମୀ ଓ ସୁପରଭାଇଜର ଲକ୍ଷ୍ମଣ ମାଝି। ସେ ଘଟଣା ବିଷୟରେ ବନ ବିଭାଗର ସ୍ନେକ ହେଲ୍ପଲାଇନକୁ ସୂଚନା ଦେଇଥିଲେ। ସୂଚନା ପାଇ ବନ ବିଭାଗର ସାପ ଧରାଳି ଦଳ ତୁରନ୍ତ ଚିକିତ୍ସାଳୟ ପହଞ୍ଚି ପ୍ରାୟ ଅଧା ଘଣ୍ଟାର ଚେଷ୍ଟା ପରେ ସାପଟିକୁ ସୁରକ୍ଷିତ ଭାବେ ଧରି ଉଦ୍ଧାର କରିଥିଲେ। ସୌଭାଗ୍ୟବଶତଃ ଏହି ଘଟଣାରେ କାହାରୋ କୌଣସି କ୍ଷତି ହୋଇନଥିବାରୁ ସମସ୍ତେ ଆଶ୍ୱସ୍ତି ଅନୁଭବ କରିଥିଲେ। ପରେ ସାପଟିକୁ ଜଙ୍ଗଲ ଅଞ୍ଚଳରେ ଛାଡ଼ାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି।

### ● ମାଲକାନଗିରିରେ ଗ୍ରାମ୍ୟ ଉନ୍ନୟନ ସଚିବ

## ଭିତ୍ତିଭୂମିର ସମୀକ୍ଷା ସହ ଜିଏସ୍‌ଟି ପାଳନ ପାଇଁ ନିର୍ଦ୍ଦେଶ



ମାଲକାନଗିରି,୨୯।୪(ସମିସ): ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ତଥା ଗ୍ରାମ୍ୟ ଉନ୍ନୟନ ବିଭାଗର ଶାସନ ସଚିବ ଏବଂ ସିଟି ଜିଏସଟି କମିଶନର ଯାମିନୀ ଷଡ଼ଙ୍ଗୀ ମାଲକାନଗିରି ଜିଲ୍ଲା ଗସ୍ତ କରି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। ନିଜର ଏହି ଗସ୍ତ ସମୟରେ ସେ ଜିଲ୍ଲାର ଦୁର୍ଗମ ଅଞ୍ଚଳରେ ଚାଲିଥିବା ରାସ୍ତା ଓ ଗୃହ ନିର୍ମାଣ ପ୍ରକଳ୍ପର ଗୁଣବତ୍ତା ଅନୁଧ୍ୟାନ କରିବା ସହ ପ୍ରଶାସନିକ ସ୍ତରରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ସଚିବ ଶ୍ରୀମତୀ ଷଡ଼ଙ୍ଗୀ ପି.ଡବ୍ଲୁ.ଡି ରାସ୍ତାରୁ ପାରୁଗୁଡ଼ା ଏବଂ ଜେ.ଏମ ରାସ୍ତାରୁ କାଠିଗୁଡ଼ା ପର୍ଯ୍ୟନ୍ତ ନିର୍ମାଣାଧୀନ ଗ୍ରାମ୍ୟ ରାସ୍ତା ପରିଦର୍ଶନ କରିଥିଲେ। ଏଥିସହ ମାଥିଲି ସ୍ଥିତ ଜେଏମଏଫସି କୋର୍ଟ କମ୍ପ୍ଲେକ୍ସ ଏବଂ ଖଇରପୁଟ ଓ ମାଥିଲି ବ୍ଲକର ବିଭିନ୍ନ ଭିତ୍ତିଭୂମି ବିକାଶ କାର୍ଯ୍ୟର ତଦାରଖ କରିଥିଲେ। ସେଠାରେ ଉପସ୍ଥିତ ଥିବା ଯନ୍ତ୍ରୀମାନଙ୍କୁ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ କରିବାକୁ ସେ କଡ଼ା ନିର୍ଦ୍ଦେଶ ଦେଇଥିଲେ। କ୍ଷେତ୍ର ପରିଦର୍ଶନ ପରେ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜଶିର୍କେ ଓ ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥି ସରାବୁଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଯୋଗ ଦେଇଥିଲେ। ବୈଠକରେ ସଚିବ କହିଥିଲେ ଯେ, ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଆମର ପ୍ରାଥମିକତା। ଏଥିସହିତ ସରକାରୀ ସ୍ତରରେ ଅଟକି ରହିଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ଜଣାଇଲେ ସେଗୁଡ଼ିକର ତୁରନ୍ତ ସମାଧାନ କରାଯିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବିଶେଷ କରି ଆର୍ଥିକ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦେଇ ସମସ୍ତ ସରକାରୀ ବିଭାଗ ଓ କାର୍ଯ୍ୟକାରୀ ସଂସ୍ଥାଗୁଡ଼ିକୁ ଜିଏସଟି ଅଫିସରେ ଠିକ ସମୟରେ ଟିଡିଏସ୍ ଜମା କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ସମସ୍ତ ପ୍ରକଳ୍ପ ନିର୍ଦ୍ଧାରିତ ସମୟ ମଧ୍ୟରେ ଶେଷ ହେବା ସହ କାର୍ଯ୍ୟର ଗୁଣବତ୍ତା ବଜାୟ ରଖିବା ଅତ୍ୟନ୍ତ ଆବଶ୍ୟକ। କ୍ଷେତ୍ର ପରିଦର୍ଶନ ସମୟରେ ସୁନାବେଡ଼ା ଗ୍ରାମ୍ୟ ଉନ୍ନୟନ ସର୍କଲର ସିସିଇ ଏବଂ ମାଲକାନଗିରି ଗ୍ରାମ୍ୟ ଉନ୍ନୟନ ଡିଭିଜନ-୧ ଓ ୨ ର ଏସଇ, ଇଇ,ଏଇଇ ଓ ଜେଇମାନେ ଉପସ୍ଥିତ ଥିଲେ।

## ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ



ନନ୍ଦପୁର, ୨୯।୪ (ସମିସ): ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ରାଜନୀତି ବିଜ୍ଞାନ ସମ୍ମାନ ବିଭାଗ ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମହାବିଦ୍ୟାଳୟ ଅଧକ୍ଷ ଅମର କୁମାର ମହାପାତ୍ର ଅଧକ୍ଷତା କରିବା ସହ ଛାତ୍ରଛାତ୍ରୀଙ୍କ ଉଚ୍ଚତର ଶିକ୍ଷା ଓ ପ୍ରତିଯୋଗୀତା ମୂଳକ ପରୀକ୍ଷା କ୍ଷେତ୍ରରେ ନିଜକୁ ନିୟୋଜିତ କରିବା ପାଇଁ ପରାମର୍ଶ ଦେଇଥିଲେ। ଯୁକ୍ତ ତିନି ପ୍ରଥମ ଓ ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ କାର୍ଯ୍ୟକ୍ରମକୁ ଆୟୋଜନ କରିଥିଲା ବେଳେ ଶେଷ ବର୍ଷ ଛାତ୍ରଛାତ୍ରୀମାନେ ନିଜ ନିଜର ଅନୁଭୂତି ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା ବିଭାଗ ମୁଖ୍ୟ ଏମ୍ ଜୟା, ରାଜନୀତି ବିଜ୍ଞାନ ବିଭାଗର ମୁଖ୍ୟ କିଶୋର ଚନ୍ଦ୍ର ବେହେରା ଏବଂ ଅଧ୍ୟାପକ ସୁରଭି ପାଣିଗ୍ରାହୀ ଉପସ୍ଥିତ ରହି ଶେଷ ବର୍ଷ ଛାତ୍ରଛାତ୍ରୀଙ୍କ ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଯୁକ୍ତ ତିନି ପ୍ରଥମ ବର୍ଷର ଛାତ୍ରୀ ସ୍ୱନ୍ଦନା ଖିଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଅଧ୍ୟାପକ ସନ୍ତୋଷ ହନ୍ତାଳ, ଭଗବାନ ଖରା, ଅର୍ଚ୍ଚନା ପାଢ଼ୀ, ନରସିଂହ ଖୋସଲା, ସନ୍ତୋଷ କୁମାର ଦୋରା, ପଦଲାମ ଗଲରି, ବିଜୟ ଖିଲ ଓ ଛାତ୍ରଛାତ୍ରୀ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଦ୍ୱିତୀୟ ବର୍ଷ ଛାତ୍ରୀ ଜ୍ୟୋର୍ତିମୟୀ ମୁଦୁଲି ଧନ୍ୟବାଦ ଅର୍ପଣ କରିଥିଲେ।

### ରାୟଗଡବାସୀଙ୍କ ପାଇଁ ଖୁସି ଖବର

# ଜୁନ୍ ପହିଲାରୁ କାର୍ଯ୍ୟକ୍ଷମ ହେବ ରେଳ ଡିଭିଜନ



ରାୟଗଡ,୨୯।୪(ସମିସ) : ପୂର୍ବତଟ ରେଳବାଇର ରାୟଗଡ ରେଳ ଡିଭିଜନ ଆସନ୍ତା ଜୁନ୍ ୧ ତାରିଖରୁ କାର୍ଯ୍ୟକ୍ଷମ ହେବ ବୋଲି ରେଳବାଇ ସୂତ୍ରରୁ ପ୍ରକାଶ। ମଙ୍ଗଳବାର ଆନ୍ଧ୍ରପ୍ରଦେଶରେ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଘୋଷଣା କରିଥିଲେ ଯେ, ଜୁନ୍ ୧ ରେ ବିଶାଖାପାଟନମ୍‌ରେ ଅବସ୍ଥିତ ଦକ୍ଷିଣ କୋଷ୍ଟ ରେଳବାଇ ଜୋନ୍ ଆନୁଷ୍ଠାନିକ ଭାବେ କାର୍ଯ୍ୟ କରିବ। ଏସସିଓଆର ଜୋନ୍ ଦେଶର ୧୮ ତମ ରେଳ ଜୋନ୍ ହେବ। ୱାଲଟିୟର ଡିଭିଜନ ଏଥିରେ ମିଶିବ। ଯାହାକି ଏବେ ଇଷ୍ଟକୋଷ୍ଟ ରେଳବାଇ ଅଧୀନରେ ରହିଛି। ପୂର୍ବତଟ ରେଳପଥ ସୂତ୍ରରୁ ପ୍ରକାଶ ଯେ ଦକ୍ଷିଣ କୋଷ୍ଟ ରେଳବାଇ (ଏସସିଓଆର) ଜୋନ୍ ବିଜ୍ଞପ୍ତି ଦିନ ନୂତନ ରାୟଗଡ ରେଳ ଡିଭିଜନକୁ କାର୍ଯ୍ୟକ୍ଷମ କରାଯିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚଳିତ ବର୍ଷ ଜାନୁଆରୀ ୬ ତାରିଖରେ ରାୟଗଡ ରେଳ ବିଭାଗ ଭବନର ମୂଳଦୁଆ ପକାଇଥିଲେ। ଏହି ନୂତନ ରାୟଗଡ଼ ରେଳ ଡିଭିଜନ ଓଡିଶାର ରେଳ ଭିତ୍ତିଭୂମିକୁ ମଜବୁତ କରିବ। ବିଶେଷ କରି ଦକ୍ଷିଣ ଓଡିଶାବାସୀ ତଥା ଅଧିକ ସଂଖ୍ୟକ ଆଦିବାସୀ ଉପକୃତ ହେବେ। ଏହି ଡିଭିଜନରେ କୋରାପୁଟ-ସିଙ୍ଗାପୁର ରୋଡ ରେଳପଥର ୧୬୪ କିଲୋମିଟର, ଥେରୁବାଲି-କୋନେରୁ ଷ୍ଟେସନର ୩୬ କିଲୋମିଟର, କୋତାଭାଲସା-କିରଣ୍ଡୁଲ (କେ.କେ) ଲାଇନର ୪୪୨ କିଲୋମିଟର ପାରାଲାଖେମୁଣ୍ଡି-ଗୁଣପୁରର ୫୩.୫ କିଲୋମିଟର ରେଳପଥ ରହିବ। ପୂର୍ବତଟରେ ଥିବା ପାଲାସା-ଇଚ୍ଛାପୁରମ୍ ରେଳପଥକୁ ନୂତନ ଭାବେ ସୃଷ୍ଟି ହୋଇଥିବା ଦକ୍ଷିଣ କୋଷ୍ଟ ରେଳବାଇ ଜୋନରେ ମିଶ୍ରଣ କରିବାକୁ ରେଳବାଇ ବୋର୍ଡର ନିଷ୍ପତ୍ତିକୁ ରାଜ୍ୟର ବିଭିନ୍ନ ମହଲରୁ ତୀବ୍ର ବିରୋଧ ହୋଇଥିବାରୁ ସରକାର ଏହା ପୂର୍ବରୁ ସ୍ପଷ୍ଟ କରିଥିଲେ ଯେ ଉଚ୍ଚ ରାଜସ୍ୱ କେ.କେ ଲାଇନକୁ ରାୟଗଡ ଡିଭିଜନ ଅଧୀନରେ ରଖାଯିବ ବୋଲି ଦକ୍ଷିଣ କୋଷ୍ଟ ରେଳବାଇ ସୂତ୍ରରୁ ପ୍ରକାଶ ଯେ ରାୟଗଡରେ ନୂତନ ବିଭାଗର ସୃଷ୍ଟି ଏକ ପ୍ରମୁଖ ଅଭିବୃଦ୍ଧି କେନ୍ଦ୍ର ଭାବେ ଦକ୍ଷିଣ ଓଡ଼ିଶା ଏବଂ ଏହାର ଆଖପାଖ ଅଞ୍ଚଳରେ ବିକାଶକୁ ବୃଦ୍ଧି କରିବ। ନୂତନ ବିଭାଗର ସୃଷ୍ଟି ମଧ୍ୟ ନୂତନ ନିଯୁକ୍ତି ସୃଷ୍ଟି, ଅର୍ଥନୈତିକ କାର୍ଯ୍ୟକଳାପ ବୃଦ୍ଧି ସହ ସେହି ଅଞ୍ଚଳରେ ପ୍ରଗତିରେ ସହାୟକ ହେବ। ୧୦୭ କୋଟି ଟଙ୍କା ବ୍ୟୟରେ ନିର୍ମାଣ ଚାଲିଥିବା ନୂତନ ରେଳ ଡିଭିଜନର ଆଧୁନିକ କାର୍ଯ୍ୟାଳୟ ଭିତ୍ତିଭୂମି ରହିବ। ଏଥିରେ ଡିଆରଏମ କାର୍ଯ୍ୟାଳୟ ଭବନ, ବିଭାଗୀୟ ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ କର୍ମଚାରୀଙ୍କ ପାଇଁ ବାସଗୃହ ସୁବିଧା ରହିବ। ଏହି ପ୍ରକଳ୍ପର କାର୍ଯ୍ୟ ଜୋରସୋରରେ ଚାଲିଛି। ଷ୍ଟାଫ୍ କ୍ୱାର୍ଟର୍ସ ମଧ୍ୟ ନିର୍ମାଣ କାର୍ଯ୍ୟ ଚାଲିଥିବା ରେଳବାଇ ସୂତ୍ରରୁ ପ୍ରକାଶ।

